## ସଂକ୍ଷେପରେ

### ଚୋରି ଅଭିଯୋଗରେ ଯୁବକ ଅଟକ

ପାଣିକୋଇଲି,୧୧।୯
(ବିକାଶ କୁମାର ମଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ନିମିଟିକିରୀ ଗ୍ରାମ ନିକଟରୁ ସାଇକେଲ ଚୋରି କରିଥିବା ଜଣେ ଯୁବକକୁ ଧରି ସ୍ଥାନୀୟ ଯୁବକମାନେ ପୋଲିସ ଜିମା ଦେଇଛନ୍ତି। ସେ ହେଲେ କେନ୍ଦୁଝର ଜିଲା ଘଟଗାଁ ଥାନା ଅଞ୍ଚଳର ଗଣେଶ ପୂର୍ତ୍ତି। ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପାଣିକୋଇଲି ପଞ୍ଚାୟତର ଅନିକେତ ବିଶ୍ୱାଳ ସବୁଦିନ ସନ୍ଧ୍ୟାରେ ଶନିମନ୍ଦିର ନିକଟରେ ଥିବା ଏକ କୋଚିଂ ସେଣ୍ଟରକୁ ପାଠ ପଢ଼ିବା ପାଇଁ ଆସି ଥାଆନ୍ତି । ରବିବାର ସନ୍ଧ୍ୟାରେ ସେ ଉକ୍ତ କୋଚିଂ ସେଣ୍ଟର ଯାଇଥିଲେ । ପଦାରେ ତାଙ୍କ ସାଇକେଲ ଥିଲା । ଅନ୍ଧାରର ସୁଯୋଗ ନେଇ ଜଣେ ଯୁବକ ଉକ୍ତ ସାଇକେଲଟିକୁ ଚୋରି କରି ନେଇଥିଲେ। ଅପରାହ୍ନରେ ସମ୍ପୃକ୍ତ ଯୁବକ ଉକ୍ତ ସାଇକେଲ ଚଳାଇ ପାଣିକୋଇଲି-ଆଙ୍ଗୁଲା ରାସ୍ତାରେ ଯିବା ସମୟରେ କେତେଜଣ ଯୁବକ ତାଙ୍କୁ ଧରି ପାଣିକୋଇଲିପୋଲିସଜିମା ଦେଇଥିଲେ।

# ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ ନିର୍ମାଣରେ ଅନିଶ୍ଚିତତା

ରସୁଲପୁର,୧୧।୯(ରଞ୍ଜିତ ରାଉତ)

ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲା ରସୁଲପୁର ବ୍ଲକ ଆଦର୍ଶ ବିଦ୍ୟାଳୟ କଲଣ ଠାରେ ୨୦୨୧-୨୨ ଶିକ୍ଷାବର୍ଷରୁ ଆରମ୍ଭ ହୋଇଛି। ବିଦ୍ୟାଳୟର ଶ୍ରେଣୀ ଗୃହ, ରୋଷଶାଳା, ଛାତ୍ରୀଛାତ୍ର ନିବାସ, ସାଇକେଲ ଷ୍ଟାଣ୍ଡ ଆଦି ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଏ ସବୁ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗ ହାତରେ ଅଛି । ଏପରି କି ସବୁ ପ୍ରକଳ୍ପ ପାଇଁ ବ୍ୟୟ ବରାଦ ସରିଛି । ସେଥିମଧ୍ୟରୁ ୧ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ ହେବ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗତ ଜୁନ୍ ୨୪ରେ ଉକ୍ତ ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି । ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡରେ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି । ସୂଚନା ଫଳକ ପ୍ରସ୍ତାବିତ ସ୍ଥାନରେ ଲାଗିଛି । ହେଲେ ଶିଳାନ୍ୟାସର ଅଢେଇ ମାସରୁ

**ଦେଢ଼ମାସ ତଳେ ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ**




ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ନିର୍ମାଣ ସଂକ୍ରାନ୍ତରେ ବିଭାଗ ନିକଟରେ କୌଣସି ସୂଚନା ନାହିଁ । ଏବେ ବି ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟକୁ ନେଇ ଅନିଶ୍ଚିତତା ଜାରି ରହିଥିବା ବିଭାଗୀୟ ଅଧିକାରୀ କହିଛନ୍ତି।

ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ୨ବର୍ଷ ବିତିସାରିଲାଣି। ଏବେ ବି ତାର ନିଜସ୍ୱ କୋଠା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇପାରୁ ନାହିଁ । ଗୋପାଳପୁରସ୍ଥିତ ପୂର୍ତ୍ତ ବିଭାଗ ଅଧୀନ ଏହି ବିଦ୍ୟାଳୟର କୋଠା ନିର୍ମାଣ ଅବଧି ଡିସେମ୍ବରରେ ଶେଷ ହେବ । ଏବେ ସୁଧା ନିର୍ମାଣଧୀନ କୋଠା ଭୂଇଁରୁ ଉଠି ପାରୁନାହିଁ । ତେଣେ ପ୍ରସ୍ତାବିତ ଛାତ୍ରୀ ନିବାସ ନିର୍ମାଣ ଅବସ୍ଥା ତା'ଠାରୁ ବଳି ପଡିଛି । ଏହି ପ୍ରକଳ୍ପ ନିର୍ମାଣକୁ ନେଇ ହୋଇଥିବା ବ୍ୟୟବରାଦ, ଆକଳନ, ଟେଣ୍ଡର ଅର୍ଥର ପରିମାଣ, କେତେ ଶତକଡା କମ୍‌ରେ ଟେଣ୍ଡର ପାସ ହୋଇଛି, କାର୍ଯ୍ୟର ଏଜେନ୍ସି, କାର୍ଯ୍ୟ ଆରମ୍ଭ ଓ ଶେଷ ହେବାର ଅବଧି ଆଦି ଯାବତୀୟ ସୂଚନା ବିଭାଗ ନିକଟରେ ଉପଲବ୍ଧ ହୋଇପାରୁ ନାହିଁ। ପ୍ରକଳ୍ପକୁ ନେଇ ଟେଣ୍ଡର ପ୍ରକ୍ରିୟା ସରିଛି । ଏ ନେଇ ଆବଶ୍ୟକ କାଗଜପତ୍ର ଉପରିସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟରୁ ତଳିଆ କାର୍ଯ୍ୟାଳୟକୁ ଆସିନାହିଁ । ପ୍ରକଳ୍ପକୁ ନେଇ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟକୁ ଏ ନେଇ କୌଣସି ସୂଚନା ନ ଆସିବା ବିବାଦ ସୃଷ୍ଟି କରିଛି ।

ଏ ନେଇ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ଦାସଙ୍କୁ ପଚାରିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ସେ ସଂକ୍ରାନ୍ତରେ ମୁଁ କୌଣସି ସ୍ପଷ୍ଟ ସୂଚନା ଦେଇ ପାରିବି ନାହିଁ । ମୋ ପାଖରେ କୌଣସି ତଥ୍ୟ ନାହିଁ । ସମୟ ଦେଲେ ଉପରିସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଜଣାଇବି । ପ୍ରକଳ୍ପକୁ ନେଇ ଠିକାସଂସ୍ଥା ସହ ଚୁକ୍ତିନାମା ହେବା ସମୟରେ ମୋ ପାଖକୁ ସବିଶେଷ ତଥ୍ୟ ଆସିବ ବୋଲି ସେ କହିଛନ୍ତି।

# ପ୍ରଭାତ ଦାଶଙ୍କୁ ସୁବେଦାର ମେଜର ସମ୍ମାନ

ଚଣ୍ଡିଖୋଲ,୧୧।୯(ପ୍ରଦୀପ୍ତ କୁମାର ପୃଷ୍ଟି)



ପ୍ରଭାତ କୁମାର ଦାଶ

ଦେଶ ପାଇଁ ତ୍ୟାଗ, କର୍ତ୍ତବ୍ୟ ଓ ଦୀର୍ଘ ୩୦ବର୍ଷ ସେବା ପାଇଁ ୧୬୬ ବାଟାଲିୟନ ଆସାମ ରାଇଫଲର କର୍ଣ୍ଣେଲ ମହେନ୍ଦ୍ର ସିଂହ କମାଣ୍ଡିଂ ଅଧିକାରୀ ପ୍ରଭାତ କୁମାର ଦାଶଙ୍କୁ ସୁବେଦାର ମେଜର ପଦରେ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା ଗ୍ରାମର ମହନ୍ତ ଭଗବାନ ଦାଶ ଓ କମଳା ଦାଶଙ୍କ ଜ୍ୟେଷ୍ଠ ପୁଅ ପ୍ରଭାତଙ୍କ ଅନ୍ୟ ଏକ ପରିଚୟ ସେ ଚଣ୍ଡିଖୋଲ ବାର ଆସୋସିଏଶନର ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶଙ୍କ ବଡ ଭାଇ । ଦେଶ ସେବା ପାଇଁ ଏହି ମର୍ଯ୍ୟାଦା ଜନକ ସମ୍ମାନ ମିଳିଥିବାରୁ ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ, ସଂଗ୍ରାମୀ ଜଗନ୍ନାଥ ମାନ୍ଧାତା ସ୍ମୃତି ସଂସଦ, ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ବନ୍ଦରେଶ୍ୱର ସଂଗ୍ରାମୀ ଏକାଡେମୀ ପକ୍ଷରୁ ଶରତ ଚନ୍ଦ୍ର ପ୍ରଧାନ, ଶୁଭେନ୍ଦୁ କୁମାର ଭୂୟାଁ, ଶ୍ରୀକାନ୍ତ କୁମାର ସାମଲ ଓ ବାଲି ପଡିଆ ଯୁବକ ସଂଘର ଉପ ସଭାପତି ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ବରଦା ପ୍ରହ୍ଲାଦ ନିଗମାନନ୍ଦ ବିଦ୍ୟାପୀଠର ପୁରାତନ ଛାତ୍ର ହୋଇଥିବାରୁ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଇଷ୍ଟ ଜୋନ୍ ଟେଣ୍ଟ ହାଉସ୍,ସପ୍ଲାୟର୍ସ ସଂଘର ବାର୍ଷିକ ଉତ୍ସବ

ଦଶରଥପୁର,୧୧।୯(ମନୋଜ ପୃଷ୍ଟି)

ଦଶରଥପୁର ବ୍ଲକ୍ ଥାଲକୁଡି ପଞ୍ଚାୟତ ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପଠାରେ ସୋମବାର ଦଶରଥପୁର ଇଷ୍ଟ ଜୋନ୍ ଟେଣ୍ଟହାଉସ୍,ଲାଇଟ୍ ସାଉଣ୍ଡ ସପ୍ଲାୟର୍ସ ସଂଘର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଜଗତ କୁମାର ନାୟକ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କ ସହ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟମାନେ ମଣ୍ଡପ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ। ଦଶରଥପୁର ସଂଘର ସଭାପତି ବିଷ୍ଣୁ ଚରଣ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସଂଘର ଜିଲା ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ସଂଘର ଜିଲା ସହ ସମ୍ପାଦକ ଶଙ୍କର୍ଷଣ ସାହୁ,ବରିଷ୍ଠ ନାଗରିକ ମଞ୍ଚର ସହ ସମ୍ପାଦକ ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସଂଘର ସଭ୍ୟ ଜ୍ୟୋତିଶଙ୍କର ରାୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ୍‌ର ୫ ଜଣ ବରିଷ୍ଠ ଖବରଦାତା ଏବଂ ୧୦୫ ଜଣ ପ୍ରତିଭାବାନ୍ ବ୍ୟକ୍ତିତ୍ୱଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ତତ୍କାଳ ୯୪ ଅଭିଯୋଗର ସମାଧାନ

**ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର**

ବଡ଼ଚଣା,୧୧।୯(ଦିଲ୍ଲୀପ କୁମାର ମହାନ୍ତି):

ସୋମବାର ବଡ଼ଚଣା ପଞ୍ଚାୟତ ସମିତି ଓ ଦକ୍ଷତା ବିକାଶ ସଭାଗୃହଠାରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୧୪ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୯୭, ସାମୁହିକ ଅଭିଯୋଗ ୧୭ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ପାଇଁ ୩୦ଟି ଅଭିଯୋଗ ହସ୍ତଗତ ହୋଇଥିଲା । ସେହିପରି ରେଡ଼କ୍ରସ ସହାୟତା ପାଇଁ ୫୫ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ତତ୍କାଳ ୯୪ ଅଭିଯୋଗ ସମାଧାନ କରାଯାଇଥିଲା। ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତିସିଂହ ରାଠୋର, ପୋଲିସ ଅଧୀକ୍ଷକ ବିନିତ୍ ଅଗ୍ରୱାଲଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ସୁରେନ୍ଦ୍ର କୁମାର ସାମଲ, ସିଡିଏମ୍‌ଓ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାରଙ୍କ ସମେତ ଶିକ୍ଷା,ସ୍ୱାସ୍ଥ୍ୟ, ପରିବହନ, ବିଦ୍ୟୁତ, ଜଳଯୋଗାଣ, ପ୍ରମୁଖ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଗ୍ରହଣ କରିବା ସହିତ କେତେକ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ।


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ ।

### ସମବାୟ ସଂଘ ସଭାପତିଙ୍କୁ ସମ୍ବର୍ଦ୍ଧନା

ଜେନାପୁର,୧୧।୯(ଅଶୋକ ଦାସ)

ଓଡ଼ିଶା ରାଜ୍ୟ ସମବାୟ ଭବନ ପରିସରରେ କର୍ମଚାରୀ ସଂଘର ନୂତନ ସଭାପତି ଭାବେ ହରିହର ସ୍ୱାଇଁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କର୍ମଚାରୀ ସଂଘ ସମ୍ପାଦକ ବିପିନ ଦାସଙ୍କ ସଭାପତିତ୍ୱରେ ପୂର୍ବତନ ସଭାପତି ରଞ୍ଜନ ଦାସଙ୍କ ଉପସ୍ଥିତିରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନୂତନ ସଭାପତି ହରିହର ସ୍ୱାଇଁଙ୍କୁ ପୂର୍ବତନ ସଭାପତି ରଞ୍ଜନ ଦାସ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏହି ପରିପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘ ଧର୍ମଶାଳା ବ୍ଲକ ସଭାପତି ଅଶୋକ ଦାସ, ଜେନାପୁର ଗୋପବନ୍ଧୁ ପ୍ରେସ କ୍ଲବ ଉପସଭାପତି ବାବୁଲି ରାଉତ, ସମ୍ପାଦକ ଚିତ୍ର ସେନ ନାଥ , ସହ ସମ୍ପାଦକ ବସନ୍ତ ମଲିକ, କୋଷାଧ୍ୟକ୍ଷ ସୁନୀଲ ପାଢ଼ୀ, ନିଷ୍କାନ୍ତ ଖଟୁଆ, ବିନୟ ଜେନାମଣି ଅସିତ କୁମାର ନାୟକ ପ୍ରମୁଖ ନୂତନ ଭାବେ ଦାୟିତ୍ୱ ନେଇଥିବା ରାଜ୍ୟ ସମବାୟ କର୍ମଚାରୀ ସଂଘର ସଭାପତି ହରିହର ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନନ୍ଦ ଉତ୍ସବ ଉଦ୍‌ଯାପିତ


ନନ୍ଦ ଉତ୍ସବରେ ନିର୍ମାଣ କରାଯାଇଥିବା ମେଢ଼ ।

ରସୁଲପୁର,୧୧।୯(ରଞ୍ଜିତ ରାଉତ)

**୫ଦିନ ଧରି ଭୋଜିଭାତ,ନାଚ ଗୀତରେ ଗାଁ କମ୍ପିଲା**

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗୋପାଳ ସାହିର ଗଣପର୍ବ ନନ୍ଦ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପଣ୍ଡିତମାନଙ୍କ ଦ୍ୱାରା ପୂର୍ଣ୍ଣାହୂତି ଦିଆଯାଇଥିଲା । ପୂର୍ଣ୍ଣାହୂତି ସମୟରେ ଗ୍ରାମର ଆବାଳ ବୃଦ୍ଧ ବନିତା ଉପସ୍ଥିତ ରହି ପ୍ରଭୂଙ୍କ ଆଶିଷ ଲାଭ କରିଥିଲେ। ୫ଦିନ ବ୍ୟାପୀ ଅନୁଷ୍ଠିତ ନନ୍ଦ ଉତ୍ସବକୁ ଗ୍ରାମବାସୀ ନିଷ୍ଠାର ସହ ପାଳନ କରିଥିଲେ। ପ୍ରଭୂଙ୍କ ନିକଟରେ ବେଦଯଜ୍ଞ, ଗୀତାଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ, ହୋମ ଆଦି ସମ୍ପନ୍ନ ହୋଇଥିଲା। ପୂଜା ଅବସରରେ ସନ୍ଧ୍ୟା ଓ ସକାଳେ ଭଜନ ସଂକୀର୍ତ୍ତନ ହୋଇଥିଲା । ମଧ୍ୟାହ୍ନ ଓ ରାତ୍ରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗାଁରେ ଆମିଷ ନିଷେଧ କରାଯାଇ ଥିଲା । ପରିବାର ପ୍ରତ୍ୟେକ ସଦସ୍ୟ ନୂତନ ବସ୍ତ୍ର ପରିଧାନ କରିଥିଲେ । ସାଂସ୍କୃତିକ ମଞ୍ଚରେ ପାଲା, ଦାସକାଠିଆ, ଲଉଡି ଖେଳ, ଭଜନ ସମାରୋହ ଆଦି ଆୟୋଜନ କରାଯାଇ ଥିଲା । ଗୋପାଳସାହି ଯୁବକମାନେ ଏଥିରେ ସହାୟତା ପ୍ରଦାନ କରିଥିଲେ। ମଙ୍ଗଳବାର ଭସାଣ ଉତ୍ସବ ଆରମ୍ଭ ହେବ ବୋଲି ସୂଚନା ମିଳିଛି ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ସହ ଆଲୋଚନା


ଧର୍ମଶାଳା ପ୍ରେସ୍ କ୍ଲବରେ ଲୋକସମ୍ପର୍କ ଅଧିକାରୀଙ୍କ ସହ ଖବରଦାତାମାନେ ।

ଧର୍ମଶାଳା,୧୧।୯(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ପ୍ରେସ କ୍ଲବରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ସହ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି । ରବିବାର ଧର୍ମଶାଳାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ ସାମଲ ଧର୍ମଶାଳା ପ୍ରେସ କ୍ଲବ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନା ଓ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ନିର୍ଦ୍ଦେଶକ ସାମଲଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଖବରଦାତାମାନଙ୍କ ମା'ବାପାଙ୍କୁ ସାମିଲ କରାଯିବା, ଗାଡ଼ି ଋଣରେ ସରଳୀକରଣ, ସାମ୍ବାଦିକତା କରୁଥିବା ପ୍ରତିନିଧିମାନଙ୍କ ଜୀବନର ଶେଷ ସମୟ ଯାଏ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ସୁବିଧା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ, କାର୍ଯ୍ୟରତ ଓ ଅବସର ନେଇଥିବା ଖବରଦାତାମାନଙ୍କୁ ଭତ୍ତା ଓ ପେନସନ ପ୍ରଦାନ, ଖବରଦାତାମାନଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ସରକାରୀ ପ୍ରୋତ୍ସାହନ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସରକାର ଖବରଦାତାମାନଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ ନେଇଥିବା ବେଳେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି। ଏନେଇ ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ସହ ବିଚାରବିମର୍ଶ ଚାଲିଛି। ଖୁବ୍‌ଶୀଘ୍ର ଖବରଦାତାମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ସାମଲ ସୂଚନା ଦେଇଥିଲେ। ପ୍ରେସ କ୍ଲବ ଉପଦେଷ୍ଟା ଇନ୍ଦ୍ରମଣି ନାୟକ, ବରିଷ୍ଠ ସଭ୍ୟ ବିବେକାନନ୍ଦ ରାୟ, ସଭ୍ୟ ବିନୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ପରକୀୟା ପ୍ରୀତିକୁ ନେଇ ଗଣ୍ଡଗୋଳ

କଳିଙ୍ଗନଗର,୧୧।୯(ଶୁଭାଶିଷ ରାଉତ)

ଦାନଗଦି ବ୍ଲକ ନୂଆଗାଁଠାରେ ପରକୀୟା ପ୍ରୀତିକୁ ନେଇ ୨ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି । ଯାଜପୁର ରୋଡ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଯାଜପୁର ଟାଉନ ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀଙ୍କ ସହିତ ଜଣେ ଶିକ୍ଷୟିତ୍ରୀଙ୍କ ସମ୍ପର୍କ ରହିଥିଲା । ଏହାକୁ ନେଇ ସୋମବାର ଯାଜପୁର ଟାଉନରୁ ଜଣେ ମହିଳା ନୂଆଗାଁରେ ପହଞ୍ଚି ଥିଲେ। ସେଠାରେ ୨ ମହିଳାଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ରାସ୍ତା ଉପରେ ଗଣ୍ଡଗୋଳ ହୋଇଥିଲା। ଗ୍ରାମବାସୀ ଏହା ଦେଖି ମୋବାଇଲରେ ଫଟୋ ଉଠାଉ ଥିଲେ ମଧ୍ୟ କେହି ବିରୋଧ କରୁ ନ ଥିଲେ। କେତେଜଣ ଗ୍ରାମବାସୀ ଏପରି ଘଟଣାକୁ ବିରୋଧ କରିଥିଲେ। ତେବେ କେତେଜଣ ଖବରଦାତା ଘଟଣାସ୍ଥଳରେ ପହଞ୍ଚି ଫଟୋ ଉଠାଉଥିବା ବେଳେ ସ୍ଥାନୀୟ କେତେଜଣ ଯୁବକ ଏପରି ନ କରିବାକୁ କହିଥିଲେ।

# 'ସମଗ୍ର ବିଶ୍ୱରେ ପ୍ରଥମ ଧର୍ମ ହେଉଛି ସନାତନ'

ପାଣିକୋଇଲି,୧୧।୯
(ବିକାଶ କୁମାର ମଲିକ)



ଦେଶରେ ସନାତନ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ନେଇ ସଦ୍‌ଗୁରୁ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ କହିଛନ୍ତି, ସମଗ୍ର ବିଶ୍ୱରେ ପ୍ରଥମ ପ୍ରତିଷ୍ଠିତ ଧର୍ମ ହେଉଛି ସନାତନ। ଷଠିପୁର ଶିଶୁ ଅନନ୍ତ ଆଶ୍ରମରେ ଦୁଇ ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ କହିଛନ୍ତି, ସମଗ୍ର ବିଶ୍ୱକୁ ସନାତନ ଧର୍ମ ମାନବବାଦର ଶିକ୍ଷା ଦେଇଥାଏ । ସ-ସତ୍ୟ, ନା-ନାମ, ତ-ତତ୍ୱ, ନ- ନିୟମର ପ୍ରତୀକ । ବାସ୍ତବ ସତ୍ୟ, ସାହିତ୍ୟ, ଦର୍ଶନ , ବିଜ୍ଞାନ, ରାଜନୀତି, ଧର୍ମଚାରା ଆଦିର ଶିକ୍ଷା ସନାତନ ଧର୍ମ ସମଗ୍ର ଜଗତକୁ ପ୍ରଦାନ କରିଛି । ସମଗ୍ର ବିଶ୍ୱ ଏକ ପରିବାର। ଏହି ଶିକ୍ଷା ଏକମାତ୍ର ସନାତନ ଧର୍ମ ବିଶ୍ୱକୁ ପ୍ରଦାନ କରିଛି । ସନାତନ ଧର୍ମ ହିଁ ସମାଜକୁ ଏକତ୍ର ସୂତ୍ରରେ ବାନ୍ଧି ରଖି ପାରିଛି । ମଣିଷ ସମାଜ ମଧ୍ୟରେ ସେବା ଓ ସମନ୍ୱୟ ଭାବ ପ୍ରତିଷ୍ଠାରେ ସନାତନ ଧର୍ମ କେବଳ ସମର୍ଥ ହୋଇଛି ବୋଲି ପ୍ରକାଶ କରିଛନ୍ତି ।

### ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତା ପ୍ରତି ଅଣଦେଖା

ଯାଜପୁର ସଦର,୧୧।୯
(ସମର ବିଜୟ ଶରଣ )

ଯାଜପୁର ଜିଲା ସହ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାକୁ ସଂଯୋଗ କରୁଥିବା ବରୁଆଁ - ବାଲିଚନ୍ଦ୍ରପୁର ରାସ୍ତାର ଅବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡିଛି । ଏହି ରାସ୍ତା ଉପରେ ୩ ଜିଲାର ଲୋକମାନେ ଯାତାୟତ କରିଥାଆନ୍ତି । ଜିଲାରୁ ଖଣିଜ ସାମଗ୍ରୀ ସହିତ ବାଲି,ମହରମ ପରିବହନ ଚାଲିଛି। ଭାରିଯାନ ସହିତ ଜନକ - ବ୍ରହ୍ମବରଦା ଠାରୁ କଟକ,ଭୁବନେଶ୍ୱର,ପୁରୀକୁ ଯାତ୍ରୀବାହୀ ବସ ଚଳାଚଳ କରୁଛି । ଏହି ରାସ୍ତାର ବରୁଆଁ ଗଜିପାଢ଼ି ଛକଠାରୁ ଯାଜପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ରାସ୍ତାର ବାମପାର୍ଶ୍ୱରେ ଥିବା ଦୁଧେଇ ନାଳ କ୍ରମଶ ଖାଇଯିବା ଫଳରେ ରାସ୍ତାଟି ସଂକୀର୍ଣ୍ଣ ହୋଇଯାଇଛି । ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଦୁଧେଇ ନାଳ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ୍ କାନ୍ଥ ନିର୍ମାଣ କରି ରାସ୍ତାକୁ ପ୍ରଶସ୍ତ କରିବାକୁ କାର୍ଯ୍ୟାଦେଶ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାମ ଆରମ୍ଭ ହୋଇନାହିଁ । ବିଭାଗୀୟ ଯନ୍ତ୍ରୀଙ୍କୁ ଏ ସଂକ୍ରାନ୍ତାରେ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।



# ଚୋରଦା କାଳୀପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା


ଚୋରଦା କାଳୀପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଯାଜପୁରରୋଡ଼,୧୦।୯
(ପବିତ୍ର ରଞ୍ଜନ ମହାନ୍ତି):

ଭୁବନେଶ୍ୱରର ଜୟଦେବ ବିହାରଠାରେ ଥିବା ମା'ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚ ଗୁରୁ କେଲୁ ଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ମା'ଭକ୍ତଙ୍କ ସମ୍ମିଳନୀ ତଥା ସ୍ୱାଗତ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଇ ପରିପେକ୍ଷୀରେ ବ୍ୟାସନଗର ସହର ଚୋରଦା କାଳୀପୂଜା କମିଟିର ସଭାପତି ପ୍ରମୋଦ କୁମାର ରାଉତ, ସମ୍ପାଦକ ଶିଶିର କୁମାର ରାଉତ, ପ୍ରଦ୍ୟୁମ୍ନ ବୋଇତାଇ, ଶ୍ରୀକାନ୍ତ ମହାନ୍ତି ଏବଂ ଅଜୟ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟ ପକ୍ଷରୁ ଏକ ବହୁରୂପା ପତ୍ରିକା ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ମା'ସୁଭଦ୍ରାଙ୍କ ବାଡଗ୍ରାହି ରାମଚନ୍ଦ୍ର ଦାସ ମହାପାତ୍ର ମୁଖ୍ୟଅତିଥି ଭାବେ ଓ ପଣ୍ଡିତ ଦାଶରଥି ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାତା କି ଜାଗରଣ ଦୀପକ ବାଜୋରିଆ ଏବଂ ସାଥୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଦୁର୍ଗାପୂଜା ଓ କାଳୀପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇ ମା'ଆଦିଶକ୍ତିଙ୍କ କୃପା ଲାଭ କରିଥିଲେ।

# ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଗଣଧାରଣା

ବଡ଼ଚଣା,୧୧।୯(ଦିଲ୍ଲୀପ କୁମାର ମହାନ୍ତି):

ସୋମବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ଆହ୍ୱାନ କ୍ରମେ ବଡ଼ଚଣାସ୍ଥିତ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବି ନେଇ ଗଣଧାରଣା ଦିଆଯାଇଥିଲା । କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଠିକା ଉଚ୍ଛେଦ, କଳା, କ୍ରୀଡ଼ାଶିକ୍ଷକଙ୍କୁ ନିୟମିତ କରିବା, ଏଲପିଏସ୍ ବ୍ୟବସ୍ଥାକୁ ବହିଷ୍କାର କରି ଓପିଏସ୍‌କୁ ଆପଣେଇ ନେବା, ଏକ୍ସ କ୍ୟାଡ଼ରମାନଙ୍କୁ କ୍ୟାଡ଼ର ଭୁକ୍ତ କରିବା, ମୂଳ ୬ବର୍ଷର ଚାକିରୀ କାଳକୁ ଗଣତି କରିବା ଆଦି ଦାବି ନେଇ ଏହି ଗଣଧାଣା ଦିଆଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ପ୍ରାଥମିକ ଶିକ୍ଷକ, କଳାଶିକ୍ଷକ, କନିଷ୍ଠ ଶିକ୍ଷକ, ଗଣଶିକ୍ଷକ ଓ ଏକ୍ସ କ୍ୟାଡ଼ର ଶିକ୍ଷକମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ବଡ଼ଚଣା ବଜାରଠାରୁ ଏକ ଶୋଭାଯାତ୍ରାରେ ଯାଇ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ହୋଇଥିଲେ। ସେଠାରେ ଆୟୋଜିତ ସଭାରେ ଆମ ଦାବିକୁ ସରକାର ତୁରନ୍ତ ମାନି ନେବା ଦରକାର, ନଚେତ୍ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଥିଲେ। ଏଥିରେ ପ୍ରାଥମିକ ଶିକ୍ଷକ ସଂଘ ବଡ଼ଚଣା ପକ୍ଷରୁ ସଭାପତି ବିପିନ କୁମାର ରାଉତରାୟ, ଉପସଭାପତି ଗଣେଶ୍ୱର ପ୍ରଧାନ, ସମ୍ପାଦକ ସମର କେତନ ନାୟକ, ସହ ସମ୍ପାଦକ ରଶ୍ମିରଞ୍ଜନ ଷେଣ୍ଠ, ପ୍ରବୀନ କୁମାର ପରିଡ଼ା, ଜ୍ଞାନ ରଞ୍ଜନ ସାହାଣୀ, କୋଷାଧ୍ୟକ୍ଷ ବିଜ୍ଞାନ ରଞ୍ଜନ ସାମଲ, ସଂଯୋଜକ ମାନସ ରଞ୍ଜନ ତରାଇଙ୍କ ନେତୃତ୍ୱରେ ଏହି ଗଣଧାରଣା ଦିଆଯାଇଥିଲା ।


ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣାରେ ବସିଛନ୍ତି ।

## ସଂକ୍ଷେପରେ

### ଜୁଆଣିଆ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ଆଳି,୧୧।୯(ବନମାଳୀ ସେନାପତି )

ଆଳି ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଜୁଆଣିଆ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ସୁବ୍ରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ମିନତି ଜଗଦେବ, ଆଳି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ସିଡିପିଓ ପଙ୍କଜିନୀ ମିଶ୍ର ଯୋଗଦେଇ ଲୋକମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସେମାନଙ୍କ ନାମରେ ମଞ୍ଜୁର ହୋଇଥିଲେ ମଧ୍ୟ ଏଯାଏ ଅଗ୍ରୀମ ପାଇବାରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟ କୌଣସି ସମସ୍ୟା ଉପରେ ଅଭିଯୋଗ ହୋଇ ନ ଥିବା ବେଳେ ୪୪ ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ହୋଥିଲା। ସୂଚନାଯୋଗ୍ୟ ଆଳି ବ୍ଲକରେ ନୂତନ ଆବାସ ଯୋଜନାରେ ପାଇଥିବା ହିତାଧିକାରୀମାନେ ସମସ୍ତେ କାର୍ଯ୍ୟାଦେଶ ପାଇ ଅଗ୍ରିମ ୪୦ ହଜାର ପାଇଥିବା ବେଳେ ଜୁଆଣିଆ ପଞ୍ଚାୟତରେ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହି ପଞ୍ଚାୟତର ପିଇଓ ଏଥିରେ ଆସହଯୋଗ କରୁଥିବା ଅଭିଯୋଗ ହେଉଥିବାବେଳେ ଉପରିସ୍ଥ ଅଧିକାରୀ କୌଣସି ପଦକ୍ଷେପ ନେଉ ନାହାନ୍ତି। ସେଥିପାଇଁ ଏହି ପଞ୍ଚାୟତରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ସରୋଜ ଥାଟୋଇ, ପ୍ରାଣୀ ଚିକିତ୍ସକ ପ୍ରସନ୍ନା ପତି, ମତ୍ସ୍ୟ ଅଧିକାରୀ ସତ୍ୟଭାମା ଜେନା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୀତାମ୍ବର ଜେନା, କର୍ମଚାରୀ ଗାୟତ୍ରୀ ସ୍ୱାଇଁ, ଉତ୍ତମା ପ୍ରଧାନ, ନମିତା ରାଉତରାୟ, ଅନୁପମା ଦାସ, ନିବେଦିତା ପଣ୍ଡା, ରାଜ କିଶୋର ଦାସ, ନିରାକାର ମାଝି, ଶରତ ଜେନା ଓ ପ୍ରଦୀପ୍ତ ସୁତାର ପ୍ରମୁଖ ଯୋଗ ଦେଇଥିଲେ।

### ଦେଢ଼ଶହ ଲିଟର ଡିଜେଲ ଜବତ, ୩ ଗିରଫ

ମାର୍ଶାଘାଇ,୧୧।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର କୁସୁନପୁର ପାର୍କିଂ ନିକଟରେ ଏକ ତେଲ ଟ୍ୟାଙ୍କରରୁ ଚୋରାରେ ଡିଜେଲ ବାହାର କରାଯାଉଥିବା ବେଳେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ରବିବାର ପୂର୍ବାହ୍ନରେ ଏଏସ୍ଆଇ ରାମଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ କୁସୁନୁପୁର ପାର୍କିଂ ନିକଟରେ ଏକ ତେଲ ଟ୍ୟାଙ୍କରରୁ ଚୋରାରେ ଡିଜେଲ କଢ଼ାଯାଇ ବାହାରକୁ ବିକ୍ରି ପାଇଁ ଉଦ୍ୟମ ହେଉଥିବା ଜାଣି ଚଢ଼ାଉ କରିଥିଲେ। ଏଥିରେ ଥାନା ଅନ୍ତର୍ଗତ କୁସୁନୁପୁର ଗ୍ରାମର ଦୀପ୍ତି ରଞ୍ଜନ ସାହୁ, ସ୍ମୃତି ରଞ୍ଜନ ସାହୁ ଓ ଟ୍ୟାଙ୍କର ଡ୍ରାଇଭର ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ସିରେଇ ଗ୍ରାମର ସନ୍ତୋଷ କୁମାର ସାହୁଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୫୦ ଲିଟର ଡିଜେଲ ଥିବା ଏକ ଜାରକିନ, ମାପ ପଳା, କାହାଳି, ପାଇପ ସହ ତେଲ ଟ୍ୟାଙ୍କରକୁ ଜବତ କରିଥିଲେ। ଥାନାରେ ନଂ. ୪୭୧/୨୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ପଟ୍ଟାମୁଣ୍ଡାଇ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ

ପଟ୍ଟାମୁଣ୍ଡାଇ,୧୧।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ କଷଣଅଣ୍ଡା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛ। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ପୂର୍ବତନ ଏବିଇଓ ନରହରି ସୂତାର ମୁଖ୍ୟଅତିଥି, କଷଣଅଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସଚିତ୍ର ବେହୁରା ମୁଖ୍ୟବକ୍ତା, ସିଆରସିସି ମଳୟ ଜେନା, ଗାଳ୍ପିକ ପ୍ରଦୀପ ନାୟକ, ଶିକ୍ଷାବିତ୍ ସୁରେଶ ଜେନା ଓ ଶିକ୍ଷୟତ୍ରୀ ମମତା ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ବିକାଶ ପାଇଁ ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ। ଏହି ଉତ୍ସବରେ ଅନିଲ ଦାସ, ସୁଶୀଲ ଜେନା, ପ୍ରକାଶ ଜେନା, ସ୍ମୃତି ରଞ୍ଜନ ଜେନା, ଦୀପ୍ତିପ୍ରଭା ସାମନ୍ତରାୟ, ବିଷ୍ଣୁପ୍ରିୟା ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସିଆର୍ସିସି ଅନ୍ତର୍ଯ୍ୟାମୀ ବେଜ ଧନ୍ୟବାଦ ଦେଇଥିଲେ।

# ୧୦ ବର୍ଷରେ ନଦୀ ଆଁକୁ ଗଲାଣି ୬୦ରୁ ଊର୍ଦ୍ଧ୍ୱ ଘର


ଲୁଣା ନଦୀ ନିକଟରେ ଘର।

- ଲୁଣା କରାଣ୍ଡିଆର ଦ୍ୱୀପାଞ୍ଚଳର ଦୁଃଖ ବଢୁଛି
- ଅଧିକାଂଶ ଚାଷଜମି ନଦୀଗର୍ଭରେ
- ପଥରବନ୍ଧ ନିର୍ମାଣ ପାଇଁ ଦାବି ହେଉଛି

କେନ୍ଦ୍ରାପଡ଼ା, ୧୧।୯ (ଜଗନ୍ନାଥ ଧଳ)

ମହାନଦୀରେ ଗତ ଅଗଷ୍ଟରେ ବନ୍ୟା ଜଳ ଆସିଥିଲା। ଏହି ନଦୀ ସିଷ୍ଟମରେ ଥିବା ଲୁଣା ଓ କରାଣ୍ଡିଆ ନଦୀ ଫୁଲିଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ଦ୍ୱୀପାଞ୍ଚଳରେ ଥିବା ୧୩ ଗ୍ରାମରେ ପାଣି ପଶିଥିଲା। ବନ୍ୟା ଜଳ ଛାଡ଼ି ଯାଇଥିବା ବେଳେ ଏହାର କ୍ଷତି ଏବେ ସ୍ପଷ୍ଟ ହେଉଛି। ନଦୀକୂଳ ଅଞ୍ଚଳର ବହୁ ଚାଷ ଜମି ଏବେ ନଦୀ ମଧ୍ୟକୁ ଚାଲିଯାଇଛି। ଗତ ୧୦ ବର୍ଷ ମଧ୍ୟରେ ବନ୍ୟା ଯୋଗୁ ଦ୍ୱୀପାଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ଘର ନଦୀଗର୍ଭରେ ଲୀନ ହୋଇଯାଇଛି। ଏହି ପ୍ରକ୍ରିୟା ଏବେବି ଜାରି ରହିଛି। ପ୍ରତିବର୍ଷ ବନ୍ୟା ଜଳ ଏହି ଦ୍ୱୀପାଞ୍ଚଳରେ ଚାଷ ବାସ ନଷ୍ଟ କରୁଥିବାରୁ କରାଣ୍ଡିଆ ଓ ଲୁଣା ନଦୀର ପଥରପ୍ୟାକିଂ ବନ୍ଧ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଆୟତପୁରର ପିନାକୀ ସାମନ୍ତରାୟ କହିଛନ୍ତି, ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଏହି ୧୩ ଗାଁ ଅବହେଳିତ ଅବସ୍ଥାରେ ଅଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗିରହିଛି। ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ୩ ବ୍ଲକ ଅଧୀନ ୫ ପଞ୍ଚାୟତରେ ଅଛି। ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଲିସିଂ, ଜଳପୋକ ପଞ୍ଚାୟତ ଅଧୀନରେ ଥିବା ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସପୁର ପଞ୍ଚାୟତ ଅଧୀନରେ ଥିବା ଡିହବସୁପୁର ଓ ଇନ୍ଦାଳୋ ପଞ୍ଚାୟତ ଅଛି। ସେହିପରି ଏଠାରେ ଗରଦପୁର ବ୍ଲକସ୍ଥ ବଙ୍ଗାଳପୁର ପଞ୍ଚାୟତର ସାନସଳାର, ଶିଶୁଆ ଓ ଷଠିଲୋ ଗ୍ରାମ ରହିଛି। ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟ ପାର୍ଶ୍ୱରେ ଲୁଣାନଦୀ ପ୍ରବାହିତ । ଷଠିଲୋ ନିକଟରୁ ଏହି ଦ୍ୱୀପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି।

ଚଳିତବର୍ଷ ବନ୍ୟାରେ ସ୍ଥାନୀୟ ଅଧିବାସୀଙ୍କ ଚାଷ ଓ ବାସ ଅଧିକ ନଷ୍ଟ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏହି ଗ୍ରାମର ରେଖା ସେଠୀ କହିଛନ୍ତି, କରାଣ୍ଡିଆ ନଦୀ ଆମ ଜୀବନକୁ ଦୁର୍ବିଷହ କରିଛି। ଦୁଇବର୍ଷ ମଧ୍ୟରେ ବନ୍ୟାରେ ୪ଟି ଘର ନଦୀଗର୍ଭକୁ ଚାଲିଯାଇଛି। ଏବେ ମାତ୍ର ଗୋଟିଏ ଘର ଅଛି। କିଛି ବର୍ଷ ପୂର୍ବେ ନଦୀ ଏଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିଲା। ତେବେ ନଦୀର ଗତିପଥ ପରିବର୍ତ୍ତନ ହେଉଥିବାରୁ କୂଳ ଖାଇଯାଉଛି। ସରପଞ୍ଚ ବିଦ୍ୟୁଲତା ସାହୁ କହିଛନ୍ତି, ପ୍ରାୟ ୨୦୦ ଘର ମଧ୍ୟରୁ ୬୦ ଘର ଗତ ୧୦ ବର୍ଷ ମଧ୍ୟରେ ନଦୀଗର୍ଭକୁ ଚାଲିଗଲାଣି। କେବଳ ଘର ନୁହେଁ, ନଦୀ ପଠା ଏବେ ନଦୀ ଶଯ୍ୟାରେ ପରିଣତ ହୋଇଛି। ଫଳରେ ଚାଷ ଜମି ହ୍ରାସ ପାଇଛି। ଏଠାରେ ପଥରବନ୍ଧ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟିକା ଓ ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଛି। ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ନଦୀବନ୍ଧକୁ ପଥର ପ୍ୟାକିଂ କରିବାକୁ ଯୋଜନା ରହିଛି। ଏ ନେଇ ଖୁବ୍ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ୫ ଶହୀଦ ପରିବାରକୁ ସମ୍ବର୍ଦ୍ଧିତ କଲେ ଡିଏଫଓ

## ଭିତରକନିକାରେ ବିଶ୍ୱ ବନ ଶହୀଦ ଦିବସ ପାଳିତ


ଶହୀଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳୀ ଦେବା ଅବସରରେ ଡିଏଫଓ ଓ ଅନ୍ୟମାନେ।

ରାଜନଗର, ୧୧।୯ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ଥିବା ଶହୀଦ ସ୍ତମ୍ଭ ନିକଟରେ ବିଶ୍ୱ ବନ ଶହୀଦ ଦିବସ ପାଳିତ ହୋଇଯାଇଛି। ଭିତରକନିକା ଆର୍ଦ୍ରଭୂମି ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସୁରକ୍ଷା ତଥା ସଂରକ୍ଷଣ ପାଇଁ ନିରନ୍ତର ସେବା ଯୋଗାଇବା ସମୟରେ ମାଫିଆଙ୍କ ଆକ୍ରମଣ ଓ ବନ୍ୟଜନ୍ତୁଙ୍କ ଆକ୍ରମଣରେ ଶହୀଦ ହୋଇଥିବା ବନ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଡାଙ୍ଗମାଳଠାରେ ଥିବା ଶହୀଦ ସ୍ମୃତିସ୍ତମ୍ଭରେ ରହିଛି। ଏଠାରେ ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବ, ସହକାରୀ ବନ ସଂରକ୍ଷକ ପୁନମ ହୀରା ହାଁସଦା, ଗଗନ ବିହାରୀ ମଲ୍ଲିକ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭିତରକନିକା ଓ ଗହୀରମଥାରେ ଆଜି ସୁଦ୍ଧା ୪ଜଣ ବନ କର୍ମଚାରୀ ମାଫିଆଙ୍କ ଆକ୍ରମଣରେ ଶହୀଦ ହୋଇଥିବା ବେଳେ ଜଣେ କର୍ମଚାରୀ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ। ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଏହି ୫ ବନ କର୍ମଚାରୀଙ୍କ ବଳିଦାନକୁ ମନରେ ରଖିବା ଓ ଭବିଷ୍ୟତ ପିଢ଼ିର କ୍ଷେତ୍ର କର୍ମଚାରୀଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ରାଜନଗର ବନ ବିଭାଗ ପକ୍ଷରୁ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି। ସ୍ମୃତିସ୍ତମ୍ଭ ନିକଟରେ ଡିଏଫ୍ଓ ଯାଦବ ଶହୀଦ ୫ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବନ କର୍ମଚାରୀଙ୍କ ବଳିଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ଆସୁଥିବା ସ୍ପଷ୍ଟ ହେଲା

## ବାଟିପଡା ଗ୍ରାମ୍ୟବ୍ୟାଙ୍କ ଗ୍ରାହକଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ଘଟଣା

ଆଳି,୧୧।୯(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବାଟିପଡ଼ାରେ ଥିବା ଓଡ଼ଶା ଗ୍ରାମ୍ୟ ବ୍ୟାଙ୍କର ଶତାଧିକ ଗ୍ରାହକଙ୍କ ଆକାଉଣ୍ଟକୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆସିବା ଘଟଣାକୁ ନେଇ ଗ୍ରାହକ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ଥିବା ବେଳେ ସୋମବାର ତାହା ସ୍ପଷ୍ଟ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ଏବେ ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସୁଛି ବୋଲି ବ୍ୟାଙ୍କ ଶାଖା ପରିଚାଳକ ପ୍ରତାପ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଗତ ୬ ତାରିଖ ସକାଳୁ ଆଳି ବାଟିପଡ଼ା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଥିବା କେତେଜଣ ଗ୍ରାହକଙ୍କ ଆକାଉଣ୍ଟରେ ହଠାତ ଟଙ୍କା ଜମା ହେବାରେ ଲାଗିଲା। କାହା ଆକାଉଣ୍ଟରେ ୨ ହଜାର ତ କାହା ଆକାଉଣ୍ଟରେ ୨୦ ହଜାର ଆଉ କାହାର ୮୦ ହଜାର ତ ଆଉ କାହାର ୨ ଲକ୍ଷ ଟଙ୍କା। ଏଭଳି ଭାବେ ପ୍ରତି ମୁହୂର୍ତ୍ତରେ ବ୍ୟାଙ୍କ ଖାତାରେ ଟଙ୍କା ଜମା ହେବା ପରେ ଗ୍ରାହକମାନେ ହଠାତ ଟଙ୍କା ଜମା ହେବାରୁ ସେହି ଟଙ୍କାକୁ ଉଠାଇ ନେବାକୁ ବ୍ୟାଙ୍କରେ ଭିଡ଼ ଲଗାଇଥିଲେ। ଆକାଉଣ୍ଟଧାରୀଙ୍କ ଖାତାକୁ ହଜାର ହଜାର ଟଙ୍କା ଆସୁଥିବା ବେଳେ ଟଙ୍କା କେଉଁଠୁ ଆସୁଛି କିଏ ପଠାଉଛି ତାହା ନ ବୁଝି ଗ୍ରାହକମାନେ ନିଜ ଟଙ୍କା ଉଠାଇବା ନିମନ୍ତେ ବ୍ୟାଙ୍କରେ ଭିଡ଼ ଲଗାଇଥିବା ବେଳେ ହଠାତ ଆକାଉଣ୍ଟରେ ଏତେ ଗୁଡ଼ିଏ ଟଙ୍କା ଆସିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ। ଯାହାର ମେସେଜ ଆସିଛି ସେ ବ୍ୟାଙ୍କରେ ଭିଡ଼ ଜମାଇ ଥିବା ବେଳେ ଯାହାର ନ ଆସିଛି ସେ ମଧ୍ୟ ପାସ୍ବୁକ ଧରି ବ୍ୟାଙ୍କ ଦୌଡ଼ିଥିଲେ। ପରିସ୍ଥିତି ଏପରି ହେଲା ଯେ, ପୋଲିସ ମୁତୟନ ହେବା ସହ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଦେବାରେ ସାମାନ୍ୟ ରୋକ ଲଗାଇ ଥିଲେ। ଏ ନେଇ ବ୍ୟାଙ୍କ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ଅନୁସନ୍ଧାନ କରାଯାଇ ଏହି ଟଙ୍କା ବାଟିପଡା ପାକ୍ସ ଅଧୀନରେ ଥିବା ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ବୋଲି ଜଣା ପଡିଥିଲା। ଫଳରେ ସୋମବାରଠାରୁ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ସେମାନଙ୍କ ଟଙ୍କା ଉଠାଇ ଦିଆଯାଉଛି।

# ଡେରାବିଶରେ ମିଳିତ ଅଭିଯୋଗ ଶୁଣାଣି

## ୩୬ ବ୍ୟକ୍ତିଗତ, ୪ ସାମୂହିକ

ଡେରାବିଶ, ୧୧।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ, ଏସ୍ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍ପି ମଡକର ସନ୍ଦୀପ ସମ୍ପଦ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା ଓ ଉପଜିଲାପାଳ ନିରଞ୍ଜନ ବେହେରା ଉପସ୍ଥିତ ରହି ଜନଶୁଣାଣି କରିଥିଲେ। ଶିବିରରେ ମୋଟ ୪୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥି ମଧ୍ୟରୁ ୪ଟି ସାମୂହିକ ଓ ୩୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡା, ଏବିଡିଓ ଭଞ୍ଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବିଶେଷ ଭାବେ ଛତାଠାରେ ସବ୍ରେଜିଷ୍ଟ୍ରି ଅଫିସ ଖୋଲିବା ନେଇ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ କୃତ୍ତିବାସ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରକୁ ସମ୍ପୃକ୍ତ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ ବୋଲି ଉପଜିଲାପାଳ ବେହେରା ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସେହିପରି ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ବିଭ୍ରାଟ, ପାନୀୟ ଜଳ ସମସ୍ୟା, ଗ୍ରାମ୍ୟ ରାସ୍ତା ନିର୍ମାଣ, ମୋ ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ କେତେଜଣ ବ୍ୟକ୍ତି ଅଭିଯୋଗ କରିଥିଲେ। ବିଶେଷକରି ରାଶନ କାର୍ଡ଼ରେ ହିତାଧିକାରୀଙ୍କ ନାମ ପଞ୍ଜୀକୃତ କରିବା ପାଇଁ ବହୁ ବ୍ୟକ୍ତି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ, ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ଦୀପ୍ତି ମହାପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ଚାନ୍ଦ, ବ୍ଲକ କୃଷି ଅଧିକାରୀ ବନଲତା ବେହେରା, ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ବ୍ଲକ ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ଶିକ୍ଷା ଅଧିକାରୀ ଶୁଭଶ୍ରୀ ନାୟକ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସେଠୀଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୧୧।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ପୌର ପରିଷଦ ଅନ୍ତର୍ଗତ ୨୦ ନଂ. ୱାର୍ଡ ମୋ ଦେଶ ଓ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଶଶିକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ରାମେଶ୍ୱର ମନ୍ଦିର, ଗାୟତ୍ରୀ ମନ୍ଦିର, ତାରିଣୀ ମନ୍ଦିର, ମା' ଭବାନୀ ମନ୍ଦିର, ସିଦ୍ଧପୀଠ ଭୋଳିବାବା ମଠରୁ ମାଟି ନେଇ ନୂଆଦିଲ୍ଲୀ ପଠାଯାଇଛି। ଏହିକାର୍ଯ୍ୟକ୍ରମରେ ସୁଧାଂଶୁ ଜେନା, ରବୀନ୍ଦ୍ର ସେଠୀ, ରାବୀନ୍ଦ୍ର ମଲିକ, ପୀତାମ୍ବର କର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଅଧୀନ ବଡ଼ପଡ଼ା ପଞ୍ଚାୟତ କଣ୍ଟାବଣ ହାଟଠାରେ ମୋ ଦେଶ ଓ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ନେତା ଅଲେଖ କୁମାର ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମଣ୍ଡଳ ସଭାପତି ବନମାଳୀ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ଭାରତବର୍ଷର ସବୁ ଗ୍ରାମରୁ ମାଟି ସଂଗ୍ରହ କରାଯାଇ ନୂଆଦିଲ୍ଲୀ ପଠାଯିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ସଭାରେ ଭାଜପା ନେତା ନିରଞ୍ଜନ ସ୍ୱାଇଁ, ଜ୍ୟୋତିପ୍ରକାଶ ପ୍ରଧାନ, ମହିଳା ମୋର୍ଚ୍ଚା ସଭାପତି ଚନ୍ଦ୍ରକାନ୍ତି ପ୍ରଧାନ, ବିଚିତ୍ରାନନ୍ଦ ବାଇ ପ୍ରମୁଖ ଉପସ୍ଥତ ଥିଲେ।

# ନିଆଁ ଲାଗି ୨ ବଖରା ପୋଡ଼ିଗଲା

ପଟ୍ଟାମୁଣ୍ଡାଇ,୧୧।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୮ନଂ. ୱାର୍ଡ ତାତନା ଗ୍ରାମର ଚିତ୍ତରଞ୍ଜନ ସାହୁଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡରେ ୨ ବଖରା ଚାଳ ଛପର ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ପଟ୍ଟାମୁଣ୍ଡାଇ ତହସିଲଦାର ସମୀର ବେହେରା ଓ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଅରଡ଼ପଲ୍ଲୀ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୧୧।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକର ଅରଡ଼ପଲ୍ଲୀ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ସରପଞ୍ଚ ବୁଦ୍ଧିରାମ ବେହେରା, ସମିତିସଭ୍ୟା ସରିତା ବେହେରା, ସାମାଜିକ କର୍ମୀ ସତ୍ୟବ୍ରତ ଚୌଧୁରୀ ଯୋଗ ଦେଇଥିଲେ। ଏଥିରେ ଆବାସ, ରାଶନକାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୧୦ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୨ ଜଣ ଭତ୍ତା ପାଇଁ ଆବେଦନ କରିଥିବାବେଳେ ୨ କେସିସି ଡ଼ାଇରୀ ପାଇଁ ଆବେଦନ କରିଥିଲେ। ୫୦ ଗାଇଗୋରୁଙ୍କୁ ଟିକା ଦିଆଯାଇଥିଲା। ଏହି ସରକାରୀ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପଟ୍ଟାମୁଣ୍ଡାଇ ତହସିଲଦାର ସମୀର ବେହେରା, ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଏସ୍ଇଓ ଉଦାର ସୁନ୍ଦର ସ୍ୱାଇଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ବ୍ଲକ ସମାଜ କଲ୍ୟାଣ ଅଧିକାରିଣୀ ସସ୍ମିତା ନାୟକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମେଶ ସେଠୀ, ବ୍ଲକ ଉଦ୍ୟାନ ଅଧିକାରୀ, ବ୍ଲକ ପ୍ରାଣ ସମ୍ପଦ ଅଧିକାରୀ ପ୍ରମୁଖ ବହୁ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାଶନିକ ଅଧିକାରୀ ଓ ଅନ୍ୟମାନେ।

# ହାଟସାହିରେ ବିଦେଶୀ ମଦ ଦୋକାନ ଖୋଲାକୁ ବିରୋଧ

ରାଜକନିକା, ୧୧।୯(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜଲା ରାଜକନିକା ବ୍ଲକ ପଶ୍ଚିମ କନିକାର ହାଟସାହି ପଞ୍ଚାୟତରେ ସରକାର ବିଦେଶୀ ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ନୋଟିସ ମଧ୍ୟ ଜାରି ହୋଇଛି। ହେଲେ ଅଞ୍ଚଳବାସୀ ନୋଟିସକୁ ତୀବ୍ର ବିରୋଧ କରିଛନ୍ତି। ପଞ୍ଚାୟତ ସ୍ତରରେ ଏକ ସଭା କରି ସରକାରଙ୍କୁ ମଦ ଦୋକାନ ନ ଖୋଲିବାକୁ ଗୁହାରି କରିଛନ୍ତି। ଯଦି ସରକାର ନ ଶୁଣନ୍ତି, ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ରାଜସ୍ୱ ବଢ଼ାଇବା ଆଳରେ ଗାଁ ଗାଁରେ ମଦ ଦୋକାନ ଖୋଲି ଅଞ୍ଚଳର ବିକାଶ ପରିବର୍ତ୍ତେ ବିନାଶ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଗ୍ରାମାଞ୍ଚଳରେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଯେଉଁଥିରେ ଚାଷୀ ଓ ଚାଷ ଦୁଇଟିର ଅଗ୍ରଗତି ହେବ। ଲକ୍ଷାଧିକ ପରିବାରକୁ ମାଗଣା ଚାଉଳ ଦେଇ ପଙ୍ଗୁ କରିବା ପରିବର୍ତ୍ତେ ଗ୍ରାମାଞ୍ଚଳର ଚାଷୀ ଓ ଯୁବ ବର୍ଗଙ୍କ ହିତ ଚିନ୍ତା କରନ୍ତୁ। ରାଜସ୍ୱ ବୃଦ୍ଧି ଆଳରେ ସରକାର ଗାଁଗୁଡ଼ିକରେ ମଦ ଦୋକାନ ଖୋଲି ଭୋଟ ହାତେଇବା ନିଶାରେ ଅଞ୍ଚଳର ଯୁବପିଢ଼ିଙ୍କୁ ବାଟବଣା ନ କରନ୍ତୁ। ସଭାରେ ଏମିତି ଅନେକ ମତପ୍ରକାଶ ପାଇଥିଲା। ଚାଷ ପାଇଁ ପାଣିର ବ୍ୟବସ୍ଥା କରନ୍ତୁ। ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପରିବର୍ତ୍ତେ ମଦୁଆ କରିବାକୁ ସରକାର କାହିଁକି ଅଣ୍ଟା ଭିଡ଼ିଛନ୍ତି। ହାଟସାହିଠାରେ ସରପଞ୍ଚ ସୀତା ଦାସଙ୍କ ସଂଯୋଜନାରେ ଅବସରପ୍ରାପ୍ତ ଶିକ୍ଷକ ପରିକ୍ଷିତ ପଡ଼ିହାରୀଙ୍କ ନେତୃତ୍ୱରେ ପଶ୍ଚିମ କନିକା ମୁକାମର ସିହୋପଡା, ଭାମଣ୍ଡା, ବଟରପଡ଼ା, କଣ୍ଡିଆ, ନମତରା, ଦେଉଳତରା, ଚରପଡା, ପଣସଗଣ୍ଡ, ଅବଦଲପୁର ଆଦି ଅଞ୍ଚଳର ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇଥିଲେ। ସେମାନେ ଉକ୍ତ ସଭାରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଗୁହାରି କରିଛନ୍ତି। ହାଟସାହି ମୌଜାର ପ୍ଲଟ୍ ନମ୍ବର-୫୨୪୭ ଓ ଖାତା ନଂ.୧୭୬୦/୬୫୯ରେ ରାଜ୍ୟ ସରକାର ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି କରି ନୋଟିସ ଜାରି କରିଛନ୍ତି। ଯାହାକୁ ସମଗ୍ର ଅଞ୍ଚଳବାସୀ ବିରୋଧ କରିବାସହ ଏକ ବିରାଟ ଜନ ଆନ୍ଦୋଳନ ମୁଣ୍ଡ ଟେକି ସଜବାଜ ହେଉଛି। ସୂଚନାଯୋଗ୍ୟ ୨୦୧୪ରେ ରାଜ୍ୟ ସରକାର ନମତରାଠାରେ ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିଥିଲେ। ଯେଉଁ ମଦ ଦୋକାନକୁ ବନ୍ଦ କରିବା ପାଇଁ ଏକ ବିରାଟ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଶେଷରେ ବିଶ୍ୱ ମହିଳା ଦିବସରେ ଶତାଧିକ ମହିଳା ମଦ ଦୋକାନ ବନ୍ଦ କରିବାକୁ ଯାଇ ଭାଙ୍ଗିରୁଜି ଛାରଖାର କରିଥିଲେ। ସେଦିନ ସେହି ଗଣ୍ଡଗୋଳରେ ପୋଲିସ ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ଗୁଳିମାଡ଼ ପରେ ରଣକ୍ଷେତ୍ର ପାଲଟିଥିଲା। ଏକାଧିକ ରାଉଣ୍ଡ ଗୁଳି ଫୁଟି ନମତରା ଗାଁ ରକ୍ତରଞ୍ଜିତ ହୋଇଥିଲା। ଆଜି ବି କାହା ପେଟରେ ଗୁଳି ଅଛି ତ, କିଏ ଠିକ୍ରେ ଚାଲିପାରୁନାହିଁ। ପଶ୍ଚିମ କନିକାର ସେଦିନର କ୍ଷତ ଆଜିବି ଭରଣା ହୋଇ ନ ଥିବା ବେଳେ ରାଜ୍ୟ ସରକାର ଆଉ ଏକ ବିଦେଶୀ ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହାକି ଆଉ ଏକ ଜନ ଆନ୍ଦୋଳନକୁ ଇନ୍ଧନ ଯୋଗାଉଥିବା ଅଞ୍ଚଳର ବୁଦ୍ଧିଜୀବୀ ମତ ପୋଷଣ କରିଛନ୍ତି। ସଭାରେ କମଳାକାନ୍ତ ରାଉତ, ବାସୁଦେବ ରାଉତ, କୈଳାସ ରାଉତ, ନଦିଆଚାନ୍ଦ ରାଉତ, ପ୍ରକାଶ ନାୟକ, ବିପିନ ନାୟକ, ନରେନ୍ଦ୍ର ବଳଙ୍କ ସମେତ ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।


ସଭାରେ ହାଟସାହି ପଞ୍ଚାୟତ ଲୋକମାନେ।

- ଅଞ୍ଚଳବାସୀ ଏକତ୍ରିତ ହେଲେ, ଆନ୍ଦୋଳନ ପାଇଁ ଚେତାବନୀ ଦେଲେ
- ଆଜି ବି ଗୁମୁରି କାନ୍ଦୁଛି ନମତରା

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ଓଡ଼ଗାଁ, ୧୧।୯
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଜଣେ ବୃଦ୍ଧା ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ମୃତ ବୃଦ୍ଧାଙ୍କ ନାମ ଅନି ବାଡ଼ିଆ (୬୫)। ସୂଚନା ଅନୁଯାୟୀ, ଅନି ସୋମବାର ସକାଳେ ଶୌଚ ହେବା ନିମନ୍ତେ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବାରେ ପଞ୍ଚାୟତ ଅଫିସ ପଛ ପୋଖରୀରେ ଅନି ଭାସୁଥିବା ସୂଚନା ମିଳିଥିଲା। ଅନିଙ୍କୁ ଉଦ୍ଧାର କରି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଅନିଙ୍କ ପୁଅ ଶତ୍ରୁଘ୍ନ ବାଡିଆଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ବସ୍ ସହ ବାଇକ୍ ଧକ୍କା: ଶିକ୍ଷକ ଗୁରୁତର

#### ୨୦ ଫୁଟ ଘୋଷାଡ଼ିନେଲା ବାଇକ

ନୟାଗଡ଼/ଶରଣକୁଳ, ୧୧।୯
(ଲୋକନାଥ ମିଶ୍ର/ ଦୀପକ କର)

ନୟାଗଡ-ଭଞ୍ଜନଗର ୨୧. ନଂ ରାଜ୍ୟ ରାଜପଥର ଶରଣକୁଳ ଥାନା କଟରାଝରୀ ବନ୍ଧ କାଳିଆଶଣ୍ଢ ଠାକୁରାଣୀ ମନ୍ଦିର ନିକଟରେ ସୋମବାର ସନ୍ଧ୍ୟାରେ ବସ୍ ଏକ ବାଇକ୍‌କୁ ଧକ୍କା ଦେଇଛି। ଏଥିରେ ବାଇକ୍ ଚାଳକଙ୍କୁ ବସ୍ ପ୍ରାୟ ୨୦ ଫୁଟ ଦୂର ପର୍ଯ୍ୟନ୍ତ ରାସ୍ତାରେ ଘୋଷାଡି ନେଇଥିଲା। ସ୍ଥାନୀୟ ଲୋକ ବାଇକ୍ ଚାଳକ ମଗରବନ୍ଧର ବାଳକୃଷ୍ଣ ନାୟକ(୫୦)ଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମଗରବନ୍ଧର ବାଳକୃଷ୍ଣ ନାୟକ ନନ୍ଦିଘୋର ସରକାରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାମ କରନ୍ତି। ସେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ବିପରୀତ ଦିଗ ନୟାଗଡ଼ରୁ ଯାତ୍ରୀବାହୀ ବସ୍ ଲର୍ଡ ଜଗନ୍ନାଥ ଭୁବନେଶ୍ୱରରୁ କୁମ୍ଭାପଡ଼ା ଯାଉଥିଲା। କଟରାଝରୀ ବନ୍ଧଠାରେ ବସ୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଅଟକ ରଖି ତଦନ୍ତ ଚଳାଇଛି।

### ୧୬ ୟୁନିଟ୍ ରକ୍ତ ସଂଗ୍ରହ

ନୟାଗଡ଼,୧୧।୯(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରର ଦକ୍ଷିଣ କାଳି କଲ୍ୟାଣ ମଣ୍ଡପରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମା' ଦକ୍ଷିଣ କାଳୀ କମିଟି ଓ ରେଡକ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ରକ୍ତଦାନ ମହା ପୂଣ୍ୟ ଓ ରକ୍ତଦାନ ଅନ୍ୟର ଜୀବନ ବଞ୍ଚାଇବା ଉପରେ ସଚେତନତା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର କର୍ମଚାରୀ ଏଥିରେ ନିୟୋଜିତ ହୋଇଥିଲେ। ଦକ୍ଷିଣ କାଳି ମନ୍ଦିର କମିଟି ସଭାପତି କିଶାନ କୁମାର ଦାସ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଓପ୍ରକାଶ ମହାପାତ୍ର, ପ୍ରଦୋଷ ପଟ୍ଟନାୟକ, ଦେବୀ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା

ଆସିକା,୧୧।୯(ସୁରେନ୍ଦ୍ର ନାଥ ସାହୁ)



ଧାରଣାରତ ଛାତ୍ରୀଛାତ୍ର।

ଆସିକା ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ବାଣିଜ୍ୟ, କଳା ଓ ବିଜ୍ଞାନ ଛାତ୍ରୀଛାତ୍ରମାନେ ଚଳିତବର୍ଷର ନାମଲେଖା ଫି' କମାଇବା ଦାବି ନେଇ ସୋମବାର କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ସରିବା ପରେ ଅପରାହ୍ନ ୩ଟାରୁ ପ୍ରାୟ ସାଢେ ୫ଟା ଯାଏଁ ଏହି ଧାରଣା ଚାଲୁ ରହିଥିଲା । ଘଟଣାସ୍ଥଳରେ କୋଚିନେଡା ପୋଲିସ ପହଞ୍ଚି କଲେଜ ଅଧକ୍ଷଙ୍କ ଉପସ୍ଥିତିରେ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ଶାନ୍ତ ପଡିଛି। ଆଖପାଖ କଲେଜରେ ଏହି ଫି' କମ ଥିଲା ବେଳେ ଆସିକା କଲେଜରେ ମଧ ଏହାକୁ କମାଇବା ଲାଗି ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି କରାଯାଇଛି । ଏ ସମ୍ପର୍କରେ କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀ କହିଛନ୍ତି, ଆସନ୍ତା ୧୪ ତାରିଖ ଠାରୁ ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ ହେବ । ପ୍ରଥମ ବର୍ଷରେ ଛାତ୍ରୀଛାତ୍ର ନାମଲେଖା ପାଇଁ ଯାହା ଜମା କରିଥିଲେ ଚଳିତ ବର୍ଷ ପ୍ରାୟ ଏକ ହଜାର ଟଙ୍କା କମ ରଖାଯାଇ ଏହି ବିଜ୍ଞାପ୍ତି ପ୍ରକାଶ ପାଇଛି। ତେବେ ଫି କମାଇବା କଲେଜ ଅଧକ୍ଷଙ୍କ ପରିସରଭୁକ୍ତ ନ ଥିବା ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ନେଇ ସେମାନଙ୍କ ନିଷ୍ପତ୍ତି ଛାତ୍ରୀଛାତ୍ରଙ୍କୁ ଜଣାଇବା ଲାଗି ଅଧକ୍ଷ ପ୍ରକାଶ କରିଥିଲେ।

# ପଞ୍ଚାୟତରେ ସମିତି ସଭ୍ୟାସଭ୍ୟଙ୍କ ପାଇଁ ଚୌକି ପକାଇବାକୁ ଚିଠି

ନୂଆଗାଁ, ୧୧।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପ୍ରତି ପଞ୍ଚାୟତରେ ସମିତି ସଭ୍ୟାସଭ୍ୟଙ୍କ ବସିବା ପାଇଁ ଚୌକି ଓ ଟେବୁଲର ବ୍ୟବସ୍ଥା କରିବାକୁ ନୂଆଗାଁ ବିଡିଓ ସମସ୍ତ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି କରିଛନ୍ତି।

ନୂଆଗାଁ ବ୍ଲକର ୨୨ଟି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧକାରୀଙ୍କୁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ଚିଠି ନଂ. ୩୩୬୯ ଅନୁସାରେ ପ୍ରତି ପଞ୍ଚାୟତରେ ସମିତିସଭ୍ୟାସଭ୍ୟଙ୍କ ବସିବା ପାଇଁ ଚୌକି ଓ ଟେବୁଲ ପକାଇବା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନୂଆଗାଁ ବ୍ଲକର ପ୍ରତ୍ୟେକ ସମିତିସଭ୍ୟାସଭ୍ୟ ତାଙ୍କ ପଞ୍ଚାୟତରେ ବସିବା ପାଇଁ ଚୌକି ଓ ଟେବୁଲର ବ୍ୟବସ୍ଥା କରିବା ପାଇଁ ଚେୟାରମ୍ୟାନଙ୍କୁ ମୌଖିକ ଭାବେ କହିଥିଲେ। ତେଣୁ ସେହି ଅନୁସାରେ ପୂର୍ବରୁ ପ୍ରତି ପଞ୍ଚାୟତରେ ଚୌକି ଓ ଟେବୁଲର ବ୍ୟବସ୍ଥା କରି ବ୍ଲକ କାର୍ଯ୍ୟାଳୟକୁ ଜଣାଇବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ସମିତି ସଭ୍ୟାସଭ୍ୟଙ୍କ ପାଇଁ ପଞ୍ଚାୟତରେ ପୂର୍ବରୁ ଚୌକିର ବ୍ୟବସ୍ଥା ରହିଛି। ତେଣୁ ବିଡିଓ ଚିଠି କରିବାର କୌଣସି କାରଣ ନ ଥିଲା ବୋଲି କେତେଜଣ ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷେ ବ୍ଲକ କାର୍ଯ୍ୟାଳୟକୁ ଆସିଲେ ସରପଞ୍ଚମାନେ ବସିବା ପାଇଁ ଜାଗା ନ ଥିବାରୁ ସେମାନେ କେଉଁ ଅଫିସ୍ ବାରଣ୍ଡା, କାର୍ଯ୍ୟାଳୟ ସିଡି ତଳେ ଥିବା ଚୌକି କିମ୍ବା କାହା ବାଇକ୍ ଉପରେ ବସିବାକୁ ପଡୁଛି। ତେଣୁ ପ୍ରଥମେ ସରପଞ୍ଚଙ୍କ ପାଇଁ ବ୍ୟବସ୍ଥା କରି ତା'ପରେ ସମିତିସଭ୍ୟାସଭ୍ୟଙ୍କ ପାଇଁ ଚୌକି ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଭଲ ହୋଇ ଥାଆନ୍ତା ବୋଲି କେତେଜଣ ସରପଞ୍ଚ କହିଛନ୍ତି।

# ସଂଶୋଧନ ପଟ୍ଟା ନେବା ପାଇଁ ଦୌଡ଼ି ନୟାନ୍ତ

ନୂଆଗାଁ,୧୧।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ତହସିଲ କାର୍ଯ୍ୟାଳୟରୁ ସଂଶୋଧନ କରି ପଟ୍ଟା ନେବା ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଲୋକେ ଆସୁଥିଲେ ମଧ ମିଳୁନାହିଁ। ଏପରି ଅଭିଯୋଗ ଶୁଣ୍ଢିଝୋଲା ଗ୍ରାମର କାର୍ତ୍ତିକେଶ୍ୱର ସାହୁ ଆଣିଛନ୍ତି।

ନୂଆଗାଁ ତହସିଲ ବାହାଡ଼ାଝୋଲା ରାଜସ୍ୱ କାର୍ଯ୍ୟାଳୟ ଅଧୀନ ଶୁଣ୍ଢିଝୋଲା ଗ୍ରାମର କାର୍ତ୍ତିକେଶ୍ୱର ସ୍ତ୍ରୀ ବନିତା ବାହୁକଙ୍କ ନାମରେ ଜାଗା କିଣିଛନ୍ତି। ସେ ଜମି କିଣିବା ସମୟରେ ଏବଂ ସମ୍ପୃକ୍ତ ଜମି ପଟ୍ଟା ପାଇଁ ଆବେଦନ କରିବା ସମୟରେ ନିଜ ନାମ କାର୍ତ୍ତିକେଶ୍ୱର ସାହୁ ଲେଖିଥିବା ବେଳେ ସମ୍ପୃକ୍ତ ବିଭାଗ କର୍ମଚାରୀ କାର୍ତ୍ତିକେଶ୍ୱର ବାହୁକ କରିଛନ୍ତି। ଏ ନେଇ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ତାହାକୁ ସଂଶୋଧନ ପାଇଁ ଆବେଦନ କରିବାକୁ ପରାମର୍ଶ ଦିଆଗଲା। ଆବେଦନ କରି ସଂଶୋଧନ କରାଯାଇ ସାରିଛି। କିନ୍ତୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳୁଥିବା ଅରିଜିନାଲ ପଟ୍ଟାରେ ନାମକୁ ସଂଶୋଧନ କରି ଦେବା ପାଇଁ ଗୁହାରି କରି ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଆସୁଥିଲେ ମଧ କୌଣସି ସୁଫଳ ମିଳୁନି। ଆଜି ଆସନ୍ତାକାଲି ଆସ ପଟ୍ଟା ନେବ ବୋଲି କର୍ମଚାରୀ କହୁଛନ୍ତି। ତେବେ ସୋମବାର ଆସି ପଟ୍ଟା ନେବା ପାଇଁ କହିବାରୁ କାର୍ତ୍ତିକେଶ୍ୱର ଆସିବାରେ ପୁଣି ଶୁକ୍ରବାର ଆସିଲେ ପଟ୍ଟା ନେବ ବୋଲି ତହସିଲ କର୍ମଚାରୀ କହିଛନ୍ତି। କେବଳ କାର୍ତ୍ତିକେଶ୍ୱର ନୁହନ୍ତି। ଏମିତି ଅନେକ ସାଧାରଣ ଲୋକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ହେଲେ କାମ କରି ଦେବେ ନାହିଁ ବୋଲି ଭୟରେ ପାଟି ଖୋଲୁ ନାହାଁ ଅସୁବିଧା ଭୋଗୁଥିବା ଲୋକେ। ଏ ବାବଦରେ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ପଚାରିବାରେ ଯଦି କେହି କର୍ମଚାରୀ ହଇରାଣ କରୁଛନ୍ତି, ତେବେ ମୁଁ ଥିବା ସମୟରେ ଆସନ୍ତୁ ପଟ୍ଟା ନେଇ ଯିବେ ବୋଲି ସେ କହିଛନ୍ତି।

### ଦାସିଆ ଅଜାଙ୍କ ଶ୍ରାଦ୍ଧ ଦିବସ

ନୟାଗଡ଼,୧୧।୯ (ଲୋକନାଥ ମିଶ୍ର)

ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ ତଥା ନୟାଗଡ଼ ମାଟିର ଗର୍ବ ଓ ଗୌରବ ଏବଂ ସମସ୍ତଙ୍କ ପ୍ରିୟ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହେବ। ବିଭନ୍ନ ଅନୁଷ୍ଠାନ ପକ୍ଷରୁ ଏହି ଶ୍ରାଦ୍ଧ ବାର୍ଷିକୀ ପାଳନ ହେବ। ତେବେ ଜିଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟ, ଓଡିଆ ମାଧମିକ ବିଦ୍ୟାଳୟ, ଇଂରାଜି ମାଧମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ ଏହା ପାଳନ କରିବାକୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ଗତ ୬ ତାରିଖରେ ଚିଠି କରିଛନ୍ତି। ସମସ୍ତଙ୍କ ପ୍ରିୟ ଦାସିଆ ଅଜା ତଥା ସ୍ୱର୍ଗତ ଦାଶରଥି ପଟ୍ଟନାୟକ ନୟାଗଡ଼ ଜଲା ନୂଆଗାଁ ବକ୍ଲକ ଚାହାଳି ପଞ୍ଚାୟତ ରାଇପୁର ଗାଁରେ ୧୯୦୭ ଜୁଲାଇ ୧୨ରେ ଜନ୍ମ ଗ୍ରହଣ କରିଥିଲେ। ତେବେ ୧୯୨୨ରେ ଉଦୟପୁରକୁ ଆସି ନିଜର କର୍ମଭୂମି ରୂପେ ଆଦରି ୧୯୫୯ ମସିହାରେ ପାଠାଗାର,୧୯୭୩ ମସିହାରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ରେ ଯଦୁମଣି ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ। ସେ ୧୯୯୭ ସେପ୍ଟେମ୍ବର ୧୨ରେ ଦିନ ନିଜ ଗ୍ରାମରେ ଇହଲୀଳା ସମ୍ବରଣ କରିଥିଲେ।

# ନୟାଗଡ଼ର ଗର୍ବ ଦାସିଆ ଅଜା

ନୂଆଗାଁ, ୧୧।୯ (ଧନେଶ୍ୱର ସାହୁ )



ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ ସାରସ୍ୱତ ସାଧକ ତଥା ସଂଗ୍ରାହକ ଦାଶରଥି ପଟ୍ଟନାୟକ ୧୯୦୭ରେ ଜନ୍ମ ଗ୍ରହଣ କରି ୧୯୯୭ ସେପ୍ଟେମ୍ବର ପରଲୋକ ହୋଇଥିଲା। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ମଫସଲିଆ ଗାଁ ଉଦୟପୁରରେ ଜନ୍ମ ଗ୍ରହଣ କରିଥିବା ଦାଶରଥିଙ୍କୁ ଦଶ ପଇସାର ରାଜା ଦାସିଆ ଅଜା ବୋଲି ସାରା ଓଡ଼ିଶାରେ ପୁରପଲ୍ଲୀରେ ପରିଚିତ। ଦାସିଆ ଅଜା ଅତି ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଦାସିଆ ଅଜାଙ୍କର ପାଠପଢ଼ା କହିଲେ ୪ର୍ଥ ଶ୍ରେଣୀ। ସେ ଦ୍ୱିପ୍ରହର ବିଶ୍ରାମ ନେବା ସମୟରେ ବିଶ୍ରାମ ନ ନେଇ ପାଠ ପଢିବାକୁ ଏକ ନିଶା ଭାବେ ଆଦରି ନେଇଥିଲେ। ତାଙ୍କର ଏହି ବହି ପଢିବା ନିଶାରୁ ଆରମ୍ଭ କରିଥିଲେ ସଂଗ୍ରହର ଯାତ୍ରା। ଏ ଗାଁରୁ ସେ ଗାଁ ବୁଲି ଆରମ୍ଭ କରିଦେଲେ ବିଭିନ୍ନ ବହି, ପତ୍ର ପତ୍ରିକା ସଂଗ୍ରହ କରିବା। ସେହି ସଂଗ୍ରହ କରିବାର ନିଶା ତାଙ୍କୁ ସଂଗ୍ରାହକ କରାଇ ଦେଇଥିଲା। ଆଣ୍ଠୁ ଯାଏ ଖଦଡ ଲୁଗା ଖଣ୍ଡିଏ ପିନ୍ଧି, ହାତରେ ଠେଙ୍ଗା ଆଉ କାନ୍ଧରେ ଝୁଲାମୁଣି ଝୁଲେଇ ଦେଇ ଦୁଆର ଦୁଆର ବୁଲି ସଂଗ୍ରହରେ ଲାଗି ପଡ଼ଥିଲେ। କାହା ପାଖରେ କିଛି ବହି, ତାଳପତ୍ର ପୋଥି, ପତ୍ରପତ୍ରିକା, ପୁରାତନ ଜିନିଷ ଅଛି ବୋଲି ଶୁଣି ଦେଲେ ଅତି ସାଧାରଣ ଜୀବନ ଯାପନ କରୁଥିବା ସରଳ ମଣିଷଟି ଦୌଡ଼ି ଯାନ୍ତି ସେହି ବ୍ୟକ୍ତିଙ୍କ ନିକଟକୁ। ଦୁଆରେ ବସି ରୁହନ୍ତି ଜିନିଷକୁ ପାଇବା ଯାଏ। ସେହି ଜିନିଷକୁ ନ ପାଇଲେ ଦୁଆରୁ ଯିବି ନାହିଁ ବୋଲି ରୋକଠୋକ୍ ଶୁଣାଇ ଦିଅନ୍ତି। ବାର ଦୁଆର ବୁଲି ବୁଲି ପୁରାତନ ସାମଗ୍ରୀକୁ ମାଗି ଗଢ଼ି ତୋଳିଲେ ସଂଗ୍ରହାଳୟ ଓ ପାଠାଗାର ଆଉ ଓଡିଆ ଜାତି ପାଇଁ ସୃଷ୍ଟି କଲେ ଏକ ମହାନ ସମ୍ଭାର। କିଏ କିଛି ସଂଗ୍ରହାଳୟକୁ ଦାନ କରିଛି ଆଉ କିଏ ଦାନ କରିବ ସେମାନଙ୍କ ନିକଟରୁ ଦିନକୁ ଶହେରୁ ଉର୍ଦ୍ଧ୍ୱ ପୋଷ୍ଟ କାର୍ଡରେ ଚିଠି ଲେଖନ୍ତି। କବି, ସାହିତ୍ୟିକ, ଲେଖକ ଆଦିଙ୍କ ପାଇଁ ଏହି ଖଣ୍ଡିଏ ପୋଷ୍ଟ କାର୍ଡ ଥିଲା ପ୍ରେରଣାର ଉତ୍ସ। ସଂଗ୍ରହ କରିବା, ଚିଠି ମାଧମରେ ସମସ୍ତଙ୍କ ସହ ସମ୍ପର୍କ ଯୋଡ଼ିବା ଆଉ ସମସ୍ତ ସଂଗ୍ରହ ସାମଗ୍ରୀକୁ ସଜାଡି ରଖିବାର ପ୍ରୟାସ ଆଜି ମଫସଲିଆ ଗାଁକୁ ସାରା ବିଶ୍ୱରେ ଗୌରାବାନ୍ୱିତ କରିଛି। ଆଜି ଦାସିଆ ଅଜାଙ୍କ ସେହି ସଂଗ୍ରହାଳୟରେ ସ୍ଥାନ ପାଇଛି ଚନ୍ଦ୍ର ପୃଷ୍ଠରୁ ବିରଳ ପଥର, ରାଣି ଭିକ୍ଟୋରିଆଙ୍କ ୧୮୦୨ ମସିହାର ସ୍ୱର୍ଣ୍ଣ ମୁଦ୍ରା, ପଣ୍ଡିତ ଗୋପବନ୍ଧୁ ଦାସ ୧୯୩୦ରେ ବ୍ୟବହାର କରୁଥିବା ବାକ୍ସ ଭଳି ଅନେକ ବିରଳ ସାମଗ୍ରୀ। ସେହି ଦଶ ପାଇସାର ଅଜା ଦାସିଆ ଅଜାଙ୍କ ୨୬ ତମ ଶ୍ରାଦ୍ଧ ବାର୍ଷିକିକୁ କେବଳ ଦାସିଆ ଅଜାଙ୍କ ଅନୁଷ୍ଠାନରେ ପାଳନ କରାଯାଉଛି ତାହା ନୁହଁ ପ୍ରତି ସ୍କୁଲରେ ପାଳନ କରିବା ପାଇଁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେଡିର କର୍ମୀ ସମ୍ମିଳନୀ



ସଭାରେ ବିଧାୟକଙ୍କ ସହ ବିଜେଡି କର୍ମୀ।

ଦଶପଲ୍ଲା, ୧୧।୯( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ଖମାରସାହିଠାରେ ଦଶପଲ୍ଲା ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଖମାରସାହି ପଞ୍ଚାୟତର ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ। ଖମାରସାହି ଖେଳ ପଡିଆଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୁପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ହେହେରା ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ଉନ୍ନତି ହେବା ସହ ଶ୍ରେଷ୍ଠ ରାଜ୍ୟରେ ପରିଗଣିତ ହୋଇଛି। ଉକ୍ତ ସଭାରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା, ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଦଶପଲ୍ଲା ବ୍ଲକ ପୂର୍ବତନ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ, ଦଶପଲ୍ଲା ବ୍ଲକ ବିଜେଡି ସଭାପତି ସୁଦାମ ଚରଣ ନାୟକ ପ୍ରମୁଖ ବିଜେଡିର ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ବୋଧନ ଦେଇଥିଲେ। ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜୋନର ଜିଲା ପରିଷଦ ସଭ୍ୟ, ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର ବହୁ କାଉନସିଲର ଏବଂ ଖମାରସାହି ପଞ୍ଚାୟତର ଜନସାଧାରଣ ଏଥିରେ ଯୋଗ ଦେଇଥିଲେ। ଏଥିସହ ବିଧାୟକଙ୍କ ଦ୍ୱାରା ଖମାରସାହି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଜି.ଉଦୟଗିରି, ୧୧।୯(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଥାନା ଅଧୀନ କଳିଙ୍ଗା ପଞ୍ଚାୟତର ନନ୍ଦଗିରି ଗ୍ରାମରୁ ପୋଲିସ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଶୁଭଶ୍ରୀ ପ୍ରଧାନ (୨୨)। ଝିଅକୁ ହତ୍ୟା କରାଯାଇଥିବା ଶୁଭଶ୍ରୀଙ୍କ ବାପା ଜଳନ୍ଧର ପ୍ରଧାନ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶୁଭଶ୍ରୀଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ରଖିଛି।

# କାମରେ ଲାଗିଲାନି ବାଲୁଗାଁ ବିଦ୍ୟୁତ୍ ସବ୍‌ଷ୍ଟେଶନ

ନୟାଗଡ଼,୧୧।୯(ଲୋକନାଥ ମିଶ୍ର)

ନୟାଗଡ ବ୍ଲକର ବାଲୁଗାଁଠାରେ ୩୩ କେଭିର ବିଦ୍ୟୁତ୍ ସବଷ୍ଟେଶନ ଗତ କିଛି ମାସ ତଳେ ଉଦ୍ଘାଟନ ହୋଇଥିଲା। ଉଦ୍‌ଘାଟନ ସମୟରେ ବିଦ୍ୟୁତ୍ ସମସ୍ୟା ବାଲୁଗାଁ, କ୍ରୀଦାଶପୁର ପଞ୍ଚାୟତରୁ ହଟିବ ବୋଲି ନୟାଗଡ ବିଧାୟକ ଅରୁଣ କୁମାର ସାହୁ କହିଥିଲେ। ତେବେ ବିଦ୍ୟୁତ୍ ଆଗ ଅପେକ୍ଷା ଅଧିକ କରୁଛି। ବିଦ୍ୟୁତ୍ ସବଷ୍ଟେସନ ସ୍ଥାନର ସୁଫଳ ଲୋକ ନେଇ ପାରିଲେ ନାହିଁ। ସୋମବାର ସକାଳ ୮ଟାରୁ ମଧାହ୍ନ ୧୨ ଓ ଅପରାହ୍ନ ୫ ଟାରୁ ରାତି ୯.୫୫ରେ ଆସିଲା। ସୋମବାରର ବିଦ୍ୟୁତ୍ କାଟ ପରି ପ୍ରତ୍ୟହ ୫ରୁ ୧୫ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ବର୍ଷା ପବନ ହେଲେ ବିଦ୍ୟୁତ୍ ଆସୁ ନ ଥିବା ଅଭିଯୋଗ ରହିଛି।

# ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ ପକ୍ଷରୁ ନୀଳମାଧବ ମନ୍ଦିର ସଫେଇ

ଖଣ୍ଡପଡ଼ା,୧୧।୯ (ଅଜୟ କୁମାର ମହାରଣା)

ଶ୍ରୀକ୍ଷେତ୍ରରର ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ ପକ୍ଷରୁ ନୀଳମାଧବ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସୁନୀଲ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭାପତି ବିପ୍ଳବ କୁମାର ଦାଶ ଏବଂ ତାଙ୍କ ସହ ଯୋଗୀଙ୍କ ସମେତ ସ୍ଥାନୀୟ ପୂଜକ ସମାଜ କର୍ମକର୍ତ୍ତା ସାମିଲ ହୋଇ ନୀଳମାଧବ ମନ୍ଦିର ଚତୁଃପାର୍ଶ୍ୱ ସଫା କରିବା ସହ ଜନ ସଚେତନ କରିଥିଲେ। ଏହାସହ ଆଗାମୀ ଦିନରେ ନୀଳମାଧବ ମନ୍ଦିର ସାମୂହିକ ବିକାଶ ପାଇଁ ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି ସଭାପତି ଦାଶ କହିଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଗରିବ ବ୍ୟକ୍ତି ବିଶେଷଙ୍କୁ ବସ୍ତ୍ର ପ୍ରଦାନ ରାଜ୍ୟର ବିଭିନ୍ନ ସ୍ଥାନରେ କରିଥାନ୍ତି ବୋଲି ଅନୁଷ୍ଠାନର ସଭାପତି ଦାଶ ସୂନା ଦେଇଥିଲେ।

# ଗଣେଶପୂଜା ପାଇଁ କାରିଗର ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ

ଖଣ୍ଡପଡ଼ା,୧୧।୯ (ଅଜୟ କୁମାର ମହାରଣା)

ଆସନ୍ତା ୧୯ ତାରିଖରେ ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ମୃଣ୍ମୟ ମୂର୍ତ୍ତି ନିର୍ମାଣରେ କାରିଗରମାନେ ଲାଗିପଡିଛନ୍ତି। ଦିନ ଓ ରାତିରେ ଗଜାନନଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି। ଖଣ୍ଡପଡା ସହରର କୁମ୍ଭାରସାହି ଓ କଣ୍ଟିଲୋ ଅଞ୍ଚଳର ଜନୈକ ଯୁବ ବାଲୁକା ଶିଳ୍ପୀ ତଥା ମୂର୍ତ୍ତି କାରିଗର ପ୍ରଶାନ୍ତ କୁମାର ସାହୁ ଓ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଚଳିତ ଋତୁରେ ଶତାଧିକ ସଂଖ୍ୟାରେ ଖୁଦୁରୁକୁଣୀ ମୂର୍ତ୍ତି ନିର୍ମାଣ ପରେ ଏବେ ବିଭିନ୍ନ ଅନୁଷ୍ଠାନକୁ ଯାଇ ଗଣେଶ ମୂର୍ତ୍ତି ନିର୍ମାଣ କରୁଥିବା ଦେଖାଯାଇଛି। ତେବେ ଲଗାଣ ବର୍ଷା ମୂର୍ତ୍ତି ନିର୍ମାଣରେ ବାଧକ ସାଜିଥିବା ଜଣାପଡ଼ିଛି।


କାରିଗର ପ୍ରଶାନ୍ତ ସାହୁ ମୂର୍ତ୍ତି ତିଆରି କରୁଛନ୍ତି।

# ବିନା ଫାର୍ମାସିଷ୍ଟରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର

ଦାରିଙ୍ଗବାଡି,୧୧।୯(ଅରୁଣ ସାହୁ)

**■ ସିଡିଏମ୍‌ଓଙ୍କ ନିର୍ଦ୍ଦେଶକୁ ଖାତିର ନାହିଁ**
**■ ସ୍ୱାସ୍ଥ୍ୟ କର୍ମୀ ହାତରେ ଔଷଧ ବଣ୍ଟନ**

ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀନରେ ଥିବା ସିମନବାଡି ସ୍ୱାସ୍ଥ୍ୟକେନ୍ଦ୍ର ବିନା ଫାର୍ମାସିଷ୍ଟରେ ଚାଲିଛି। ଫଳରେ ରୋଗୀଙ୍କୁ ଔଷଧ ବଣ୍ଟନ, ଜରୁରୀକାଳୀନ ସେବା ପ୍ରଦାନରେ ଏବେ ବ୍ୟତିକ୍ରମ ଦେଖାଯାଇଛି।

ସିମନବାଡି ଫାର୍ମାସିଷ୍ଟ ସୁଶାନ୍ତ କୁମାର ସାହୁଙ୍କ ନାମରେ ଏକ ଅଭିଯୋଗ ହୋଇଥିବା ଦର୍ଶାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରାଇକିଆ ବ୍ଲକ ସୁଗଡ଼ବାଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଗଷ୍ଟ ୪ରେ ଡେପୁଟେସନ କରିଥିଲେ। ତାଙ୍କୁ ରାତିଅଧିଆ ଏଠାରୁ ରିଲିଭ କରାଯାଇଥିଲା କିନ୍ତୁ ଏବେ ଡେପୁଟେସନ ବାତିଲ କରାଯାଇଥିଲେ ସୁଦ୍ଧା ଫାର୍ମାସିଷ୍ଟ ସୁଶାନ୍ତ କୁମାର ସାହୁଙ୍କୁ ସିମନବାଡିସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରେଇବାରେ ବିଳମ୍ବ କରାଯାଉଛି। ଅଞ୍ଚଳରେ ଲୋକଙ୍କୁ ଉତ୍ତମ ସେବା ଯୋଗାଉଥିବା ଫାର୍ମାସିଷ୍ଟ ଜଣକ ସୁଗଡବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ସେଠାକାର କାର୍ଯ୍ୟରତ ଫାର୍ମାସିଷ୍ଟଙ୍କୁ ସିମନବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନ କରାଯାଇଥିଲା । କିନ୍ତୁ ସେ କାର୍ଯ୍ୟରେ ଯୋଗଦେବା ପରେ ଦୀର୍ଘ ଦିନ ହେଲା ଛୁଟିରେ ଯାଇଛନ୍ତି । ଫଳରେ ଏବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟଙ୍କ ଠିକ ସେବା ମିଳିନାହିଁ। ସିମନବାଡି ଜନ ସାଧାରଣ ଓ ୫ଟି ପଞ୍ଚାୟତର ଲୋକପ୍ରତିନିଧିମାନେ ଜିଲା ମୁଖ୍ୟ ଚିକିତ୍ସା କାର୍ଯ୍ୟାଳୟ ଫୁଲବାଣୀ ଯାଇ ଫାର୍ମାସିଷ୍ଟ ସୁଶାନ୍ତ ସାହୁଙ୍କୁ ଫେରେଇବା ପାଇଁ ନିବେଦନ କରିଥିଲେ। ପରେ ଜିଲା ମୁଖ୍ୟାଳୟରୁ ଏକ ୪ ଜଣିଆ ତଦନ୍ତକାରୀ ଟିମ ଏଡିମଓ ପ୍ରସନ୍ନ ତ୍ରିପାଠୀଙ୍କ ନେତୃତ୍ୱରେ ଆସି ସିମନବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ ପରେ ସୁଶାନ୍ତଙ୍କ ବିରୋଧରେ କେହି ମିଥ୍ୟା ଅଭିଯୋଗ କରିଥିବା ଜଣାପଡିବା ପରେ ତାଙ୍କୁ ପୁଣି ଚଳିତ ୧ରେ ଡେପୁଟେସନକୁ ବାତିଲ କରାଯାଇଥିଲା ଓ ଛୁଟିରେ ଥିବା ଫାର୍ମାସିଷ୍ଟଙ୍କୁ ବାଲିଗୁଡା ବଦଳି କରାଯାଇଥିଲା। ଡେପୁଟେସନ ବାତିଲର ୧୧ ଦିନ ବିତିଯାଇଛି ହେଲେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋଜ କୁମାର ଉପାଧ୍ୟାୟ ଫାର୍ମାସିଷ୍ଟ ସୁଶାନ୍ତଙ୍କ ଡେପୁଟେସନକୁ ବାତିଲ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କୁ ରିଲିଭ କରାଯାଉନାହିଁ ଏ ନେଇ ବିଧାୟକ ସାଲୁଗା ପ୍ରଧାନ ମଧ ରିଲିଭ କରିବାକୁ ପରାମର୍ଶ ଦେଇଥିଲେ ସୁଦ୍ଧା ତାଙ୍କ ପରାମର୍ଶକୁ ଗ୍ରହଣ କରାଯାଇନାହିଁ। ଫଳରେ ସିମନବାଡ଼ିରେ ଜନ ସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇ ଆନ୍ଦୋଳନ ପାଇଁ ବାଧ ହେବୁ ବୋଲି ସିମନବାଡି ସରପଞ୍ଚ ଅମିତା ପ୍ରଧାନ, ପ୍ରତିନିଧି ପରମେ ପ୍ରଧାନ, କେଦାର ନାଥ ସାହୁ, କେ. ମନବୋଧ ନାୟକ, ଧନେଶ୍ୱର ବାଡ଼ତିଆ, ସାଧୁ ନାୟକ, ମୁନା ଖାନ,ମଞ୍ଜୟ ଶୋଭାସୁନ୍ଦର, ଜଳେଶ୍ୱର ପ୍ରଧାନ ପ୍ରମୁଖ କହିଛନ୍ତି। ଏ ନେଇ ସିମନବାଡି ସ୍ୱାସ୍ଥ୍ୟକେନ୍ଦ୍ରସର ଇନଚାର୍ଜ ଡାକ୍ତର ଅଭିନାଶ କଂହରଙ୍କ ପଚାରିବାରୁ ଫାର୍ମାସିଷ୍ଟ ଛୁଟିରେ ରହିଛନ୍ତି ଔଷଧ ବଣ୍ଟନରେ କୌଣସି ସମସ୍ୟା ହେଉନାହିଁ ବୋଲି ସେ କହିଛନ୍ତି। ଫାର୍ମାସିଷ୍ଟ ସୁଶାନ୍ତଙ୍କୁ କେଉଁ କାରଣରୁ ରିଲିଭ କରାଯାଇନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋଜ କୁମାର ଉପାଧାୟଙ୍କୁ ପଚାରି ବୁଝିବାରୁ ସେ କହୁଛନ୍ତି ତାଙ୍କୁ ତୁରନ୍ତ ରିଲିଭ କରିବାକୁ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ କୁହାଯାଇଛି। ସେପଟେ ସୁଶାନ୍ତ କହିଛନ୍ତି ଯେ ତାଙ୍କ ଡେପୁଟେସନକୁ ବାତିଲ କରାଯିବା ସତ୍ତ୍ୱେ ତାଙ୍କୁ ରିଲିଭ କରାଯାଉନାହିଁ।

# ବିରଜାକ୍ଷେତ୍ରକୁ ନୂତନ ରେଳପଥ ଆଶା ଉଜ୍ଜ୍ୱଳ

ଯାଜପୁର,୧୧।୯(ହର୍ଷବର୍ଦ୍ଧନ ବେହେରା)

ଗତ ୧ ଦଶନ୍ଧି ଧରି ଦାବି ହୋଇ ଆସୁଥିବା ୯୫.୯୫୦ କି.ମି. ବିଶିଷ୍ଟ ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନଠାରୁ ଧାମରା ବନ୍ଦର ଭାୟା ବିରଜା ମନ୍ଦିର ନୂତନ ରେଳପଥ ନିର୍ମାଣ ଆଶା ଉଜ୍ଜ୍ୱଳ ହୋଇଛି। ସୋମବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରସ୍ତାବିତ ନୂତନ ରେଳପଥର ଫାଇନାଲ ଲୋକେଶନ ସର୍ଭେ(ଏଫ୍ଏଲ୍ଏସ୍) ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ମର୍ମରେ ରେଲୱେ ବୋର୍ଡର ଯୁଗ୍ମ ନିର୍ଦ୍ଦେଶକ ଅଭିଷେକ ଜଗୱାତ ଏନେଇ ଭୁବନେଶ୍ୱର ଇଷ୍ଟକୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ସୂଚନା ଦେଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଦୀର୍ଘଦିନର ଦାବି ପୂରଣ ହେବ ବୋଲି ଯାଜପୁର ଜିଲାବାସୀ ଆଶାବ୍ୟକ୍ତ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ପୂର୍ବତଟ ରେଳପଥରେ ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ୨୭,୯୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୮୯,୬୬୯ କୋଟି ଟଙ୍କା ଆୟ ହୋଇଥିଲା। ଅଥଚ ୧୦୪୨.୬୨ କୋଟି ଟଙ୍କାର ଯାଜପୁର ରୋଡ୍-ଧାମରା ପ୍ରକଳ୍ପ ନିର୍ମାଣ ହୋଇ ପାରୁନାହିଁ ବୋଲି ବିଭିନ୍ନ ମହଲରେ ଆନ୍ଦୋଳନ ଜାରି ରହିଛି। ଆଇନଜୀବୀ ସତ୍ୟପ୍ରକାଶ ବେହୁରିଆ ମାଗିଥିବା ଆର୍‌ଟିଆଇ ତଥ୍ୟ ଅନୁସାରେ ୨୦୧୨-୧୩ରେ ଏହି ରେଳପଥ ନିର୍ମାଣ ସକାଶେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତଟ ରେଳପଥ ପକ୍ଷରୁ ସର୍ଭେ ହୋଇଥିଲା। ୨୦୧୫ ଏପ୍ରିଲରେ ରେଳ ମନ୍ତ୍ରଣାଳୟ ଅଧୀନ ରେଲୱେ ବୋର୍ଡ

**ଫାଇନାଲ ଲୋକେଶନ ସର୍ଭେ ପାଇଁ ୨.୪ କୋଟି ଟଙ୍କା ମଞ୍ଜୁର**



ନିକଟରେ ଏହାର ନଥିପତ୍ର ଦାଖଲ ହୋଇଥିଲା। ଏହି ରେଳପଥ ନିର୍ମାଣ ପାଇଁ ୯୯୫.୩୯୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରଥମେ ଆକଳନ ହୋଇଥିଲା। ବର୍ତ୍ତମାନ ୧୦୪୨.୬୨ କୋଟି ଖର୍ଚ୍ଚ ହେବ ବୋଲି ବୋର୍ଡ ପକ୍ଷରୁ ଦର୍ଶାଯାଇଛି। ଏହି ରେଳଲାଇନ ନିର୍ମାଣ ହେଲେ ପୂର୍ବତଟ ରେଳପଥ ବର୍ଷକୁ ୩୧.୧୫ ପ୍ରତିଶତ ଲାଭବାନ ହେବ। ଏହି ପ୍ରକଳ୍ପରେ ୮ଟି ଷ୍ଟେଶନ ନିର୍ମାଣ କରାଯିବ। ଯାଜପୁରରେ ପ୍ରସିଦ୍ଧ ମା' ବିରଜାଙ୍କ ଶକ୍ତିପୀଠ ଥିବାବେଳେ ଭଦ୍ରକ ଜିଲାର ଆରଡ଼ିଠାରେ ପ୍ରମୁଖ ଶୈବପୀଠ ଆଖଣ୍ଡଳମଣି ଧାମ ରହିଛି। ଏହି ଦୁଇଟି ଦର୍ଶନୀୟ ଓ ପର୍ଯ୍ୟଟନସ୍ଥଳୀକୁ ପ୍ରତ୍ୟେକ ଦିନ ଦେଶବିଦେଶରୁ ଯାତ୍ରୀମାନେ ଆସିଥାନ୍ତି। ଏହି ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରର ଆହୁରି ବିକାଶ ସମ୍ଭବ ହେବ। ଏହାବାଦ୍ ଯାଜପୁର ଜିଲାର କଳିଙ୍ଗନଗର ଏସିଆ ମହାଦେଶର ଇସ୍ପାତ ରାଜଧାନୀ ବୋଲି କୁହାଯାଉଛି। ଏଠାରୁ ଧାମରା ଦେଇ ବିଦେଶକୁ ମାଲ ପରିବହନ ସୁଗମ ହେବ। ସେହିପରି ଜିଲାର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ପରିବହନରେ ଉନ୍ନତି ଆସିବା ସହିତ ଖାଉଟି ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଅଧିକ ସୁବିଧାଜନକ ହେବ। ହେଲେ ବିଗତ ବଜେଟ୍‌ଗୁଡ଼ିକରେ ଏହି ପ୍ରକଳ୍ପକୁ ସ୍ଥାନ ମିଳି ନ ଥିବାରୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାବାଦ୍ ଏହି ନୂତନ ରେଳପଥ କାର୍ଯ୍ୟକାରୀ ହେଲେ ଯାଜପୁର-କେନ୍ଦୁଝରରୋଡ୍ ଷ୍ଟେଶନକୁ ସ୍ୱତନ୍ତ୍ର ରେଳ ଡିଭିଜନ ମାନ୍ୟତା ମଧ୍ୟ ମିଳିବ ବୋଲି ଆଶାପ୍ରକାଶ କରାଯାଉଛି। ଡିଭିଜନ ପାଇଁ ଏଠାରେ ଆବଶ୍ୟକ ଜମି ଯୋଗାଇଦେବାକୁ ରାଜ୍ୟ ସରକାର ସହଯୋଗ କରିବେ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାରେ ବିଶ୍ୱର ୯୮ ପ୍ରତିଶତ କ୍ରୋମାଇଟ ସହିତ ବିପୁଳ ପରିମାଣରେ ଖଣିଜ ସମ୍ପଦ ଭରି ରହିଛି। ସେହିପରି ପର୍ଯ୍ୟଟନର ସୁବିଧା ରହିଛି। ଏବେ ଜିଲାରେ ୪ଟି ଜଙ୍କସନ ଓ ୨୧ଟି ରେଳଷ୍ଟେଶନ ରହିଛି। ପଡୋଶୀ ଜିଲାରେ ରହିଥିବା ଧାମରା ଓ ପାରାଦୀପ ବନ୍ଦର ସହ ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ଏହି ଡିଭିଜନର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି।

## ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ୭ଲକ୍ଷ ଟଙ୍କା ଲୁଟ୍

ଚଢ଼େଇଧରା,୧୧।୯(ଦିଲୀପ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ନଂ.ଜାତୀୟ ରାଜପଥ ବରଡ଼ା ଛକଠାରେ ଥିବା ବେହେରା ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ୭ ଲକ୍ଷ ଟଙ୍କା ଲୁଟ୍ ହୋଇଛି । ସୋମବାର ଦିନ ପ୍ରାୟ ୨ଟା ସମୟରେ ପେଟ୍ରୋଲ ପମ୍ପର ପରିଚାଳକ ଉଦୟଘନ ସାହୁ ଅନ୍ୟଜଣେ କର୍ମଚାରୀଙ୍କୁ ସାଙ୍ଗରେ ଧରି ଏକ ବାଇକ୍‌ରେ ୭ ଲକ୍ଷ ଟଙ୍କା ନେଇ ଭାରତୀୟ ଷ୍ଟେଟ ବ୍ୟାଙ୍କ କବାଟବନ୍ଧ ଶାଖାରେ ଜମା କରିବାକୁ ଯାଉଥିଲେ । ବ୍ୟାଙ୍କଠାରୁ ଅଳ୍ପ ଦୂର ଦଳଗାଁ ନିକଟରେ ୨ଟି ଗାଡ଼ିରେ ଆସି ଲୁଟେରାମାନେ ସେମାନଙ୍କୁ ଘେରିଯାଇଥିଲେ । ଏହାପରେ ମାରଣାସ୍ତ୍ର ଦେଖାଇ ତାଙ୍କ ପାଖରେ ଥିବା ୭ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ତନାଘନା ଆରମ୍ଭ କରିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଜେନାପୁର ପୋଲିସ ପେଟ୍ରୋଲ ପମ୍ପ ପରିଚାଳକ ଉଦୟଘନଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚଳାଇଛି।

# ପାରାଦୀପ, କପିଳଯୋରରେ ମାଛ ମଡ଼କ

**ତୈଳ ବର୍ଜ୍ୟ ନଦୀ, ସମୁଦ୍ରରେ ମିଶୁଥିବା ଅଭିଯୋଗ**

ପାରାଦୀପ,୧୧।୯(ଶରତ ରାଉତ)

ପାରାଦୀପ ବନ୍ଦର ସହର ଚତୁଃପାର୍ଶ୍ୱରେ ଥିବା କପିଳଯୋର, କଂସାରିପାଟିଆ ମତ୍ସ୍ୟଡିଆ ନଦୀ, ଷଣ୍ଢକୁଦ ପାଖ ନଦୀରେ ସୋମବାର ବିପୁଳ ପରିମାଣର ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ଏତେ ମାତ୍ରାରେ ମାଛ ମଡ଼କ ଯୋଗୁ ନଦୀର ପାଣି ନେଳିଆ ରଙ୍ଗ ହୋଇଯାଇଛି। ଫଳରେ ନଦୀ ସଂଲଗ୍ନ ପରିବେଶ ଦୁର୍ଗନ୍ଧମୟ ହୋଇଯାଇଛି। ଏନେଇ ପାରାଦୀପର ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ତୈଳ ବର୍ଜ୍ୟ ଯୋଗୁ ଏପରି ହୋଇଥିବା କୁହାଯାଉଛି। ଏହା ନିକଟରେ ଥିବା ତୈଳ ବିଶୋଧନାଗାର ପ୍ରକଳ୍ପରୁ ବାହାରୁଛି ବୋଲି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ



କପିଳଯୋର ନଦୀରେ ଭାସୁଥିବା ମଲା ମାଛ।

ସଂଘ (ଓମ୍ପା)ସଭାପତି ଶ୍ରୀକାନ୍ତ ପରିଡା ଅଭିଯୋଗ କରିଛନ୍ତି। ଗତ ଜୁଲାଇରୁ ତୈଳ ବିଶୋଧନାଗାର ଇଟିପି (ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ)ରେ କିଛି ବୈଷୟିକ ତ୍ରୁଟିଥିବା ଅଭିଯୋଗ ହୋଇଛି। ଏଥିପାଇଁ ସେଠାକାର ବର୍ଜ୍ୟପାଣି ସିଧାସଳଖ ସମୁଦ୍ରରେ ଛଡ଼ାଯାଉଛି ବୋଲି ଶ୍ରୀକାନ୍ତ କୁହନ୍ତି। ଗତ ଶନିବାର ବିପୁଳ ପରିମାଣର ବର୍ଜ୍ୟ ନିକଟସ୍ଥ ନଦୀ ଓ ସମୁଦ୍ରରେ ମିଶିଥିଲା। ସେଦିନ ଅଭିଯୋଗ ହେବାପରେ ତୈଳ ବିଶୋଧନାଗାରର ୭ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଶନିବାର ରାତିଠାରୁ ସୋମବାର ପର୍ଯ୍ୟନ୍ତ ସେହି ସମୁଦ୍ର କୂଳରେ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରୁଛନ୍ତି। ସେହି ସମୟ ମଧ୍ୟରେ ପାଖରେ ଥିବା ନଦୀଗୁଡ଼ିକରେ ମାଛ ମଡକ ହୋଇଛି। ଏନେଇ ପରିବେଶ ସୁରକ୍ଷା ଟ୍ରଷ୍ଟ ସମ୍ପାଦକ ଶିବ ବିଶ୍ୱାଳ କୁହନ୍ତି, ବିଶୋଧନାଗାରରୁ ପାଣି ଛାଡ଼ିବା ଯୋଗୁ ନଦୀ ଓ ସମୁଦ୍ର ପାଣି ଦୂଷିତ ହୋଇ ଅନେକ ମାଛ ଓ ଅନ୍ୟ ଜଳଜୀବ ମରିଯାଇଛନ୍ତି। ଏହାର ତୁରନ୍ତ ନିରାକରଣ ବ୍ୟବସ୍ଥା କରାଯିବା ପାଇଁ ସେ ଲିଖିତ ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜଣାଇଛନ୍ତି। ସେହିପରି ଆହ୍ୱାନ କମ୍ୟୁନିଟି ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ପ୍ରଭାସ ଚନ୍ଦ୍ର ସ୍ୱାଇଁ କୁହନ୍ତି, ଏପରି ପ୍ରଦୂଷଣ ଯୋଗୁ ପାରାଦୀପର ନଦୀ ଓ ସବୁଜିମା ସବୁ ଉପରେ ଗଭୀର ପ୍ରଭାବ ପକାଇଛି। ପାଣିର ନମୁନା ସଂଗ୍ରହ ପାଇଁ ଘଟଣାସ୍ଥଳକୁ ଆସିଥିବା ପରିବେଶ ଯନ୍ତ୍ରୀ ଦିବ୍ୟଲୋଚନ ମହାପାତ୍ର କୁହନ୍ତି, ଆମେ ପାଣିର ନମୁନା ନେଇଛୁ। ପରୀକ୍ଷା ରିପୋର୍ଟ ଆସିଲା ପରେ କାରଣ ସ୍ପଷ୍ଟ ହେବ। ଏ ସମ୍ପର୍କରେ ତୈଳ ବିଶୋଧନାଗାର ଲୋକସମ୍ପର୍କ ଅଧିକାରୀ ସଂଗ୍ରାମ ମିଶ୍ର କୁହନ୍ତି, ଆମର କୌଣସି ବର୍ଜ୍ୟପାଣି ଛଡ଼ାଯାଇନାହିଁ। ସମୁଦ୍ର କୂଳରେ ପାଇପଲାଇନ ମରାମତି କାର୍ଯ୍ୟ ସମ୍ପର୍କରେ ପଚାରିଲେ କୁହନ୍ତି, ତାହା ଖରାପ ଥିଲା। ସେଥିପାଇଁ ମରାମତି ହେଉଛି। ରାତିରେ ମରାମତି ସମ୍ପର୍କରେ କୁହନ୍ତି,ଦିନବେଳେ ଜୁଆର ରହୁଥିବାରୁ ରାତିରେ କାମ ଚାଲିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଭୂମିହୀନ ଆଦିବାସୀ




ଭୂମିହୀନ ଆଦିବାସୀମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ଯାଜପୁର ଟାଉନ,୧୧।୯
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଭୂମିହୀନଙ୍କ ବିକାଶ ପାଇଁ ସରକାର ଅନେକ ଯୋଜନା କରୁଥିବା ବେଳେ ଏହାର ବିଡମ୍ବନା ଆଦିବାସୀ ଇଲାକାରେ ଦେଖିବାକୁ ମିଳୁଛି। ଯାହାକୁ ନେଇ ସୋମବାର ୩ ଗଣ ସଙ୍ଗଠନ ସହଯୋଗରେ ଶତାଧିକ ଭୂମିହୀନ ଆଦିବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଉପଜିଲାପାଳଙ୍କ ନିକଟରେ ଆବେଦନ ପତ୍ର ସହ ଯାଜପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ଯାଜପୁର ରୋଡ଼ ସହର ଉପଖଣ୍ଡଠାରୁ ମାତ୍ର ୬ କିମି ଦୂର ଗୁହିରାଗାଡ଼ିଆ, ଭାଲୁକୁହୁଡି ଗ୍ରାମର ପିଢ଼ିପରେ ପିଢ଼ିବସତିସ୍ଥାନପ କରିରହୁଥିବା ଏକାଧିକ ଆଦିବାସୀ ପରିବାର ପାଖରେ ଚାଷ ଜମି ତ ଦୂରର କଥା ଆଜି ବି ଘର ଡିହ ପଟ୍ଟା ଖଣ୍ଡେ ନାହିଁ। ଫଳରେ ଜାତିଗତ ପ୍ରମାଣପତ୍ର ସହ ବାସସ୍ଥାନ ପ୍ରମାଣ ପତ୍ର ମିଳି ପାରୁନାହିଁ। ଏକାଧିକ ଛାତ୍ରୀଛାତ୍ର ପାଠ ପଢିବାରେ ବଞ୍ଚିତ ହେଉଛନ୍ତି। ପିଢ଼ି ପରେ ପିଢ଼ି ଯାଜପୁର-କେନ୍ଦୁଝର ସୀମାନ୍ତରେ ଥିବା ବରାଙ୍ଗ ଜଙ୍ଗଲ ଏବଂ ଗୁହିରାଗାଡ଼ିଆ ଜଙ୍ଗଲ ଉପରେ ନିର୍ଭର କରି କାଠପତ୍ର ଠାରୁ ଝୁଣା, ଲାଖ, ଚେରମୁଳ ଏମାନଙ୍କ ଜୀବିକାର ଉତ୍ସ ପାଲଟିଥିବା ବେଳେ ସରକାରୀ ବାବୁମାନଙ୍କ ଏ ଗ୍ରାମରେ ପାଦ ପଡୁନି। ଭୂମିହୀନଙ୍କ ପାଇଁ ସରକାରଙ୍କ ସବୁ ଯୋଜନା ସତେ ଯେପରି ବିକାଶର ହାୱାରେ ଉଭାନ ହେଇଯାଇଛି। ଏଠି ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସ୍ଥାନୀୟ ୱାର୍ଡ ସଭ୍ୟାଙ୍କ ଆହ୍ୱାନରେ ଏବଂ ପାଟରଙ୍ଗା ଗ୍ରାମପଞ୍ଚାୟତର ଭିଏଲଡବ୍ଲ୍ୟୁଙ୍କ ତତ୍ତ୍ୱାବଧାନରେ ଗ୍ରାମସଭା ମାଧ୍ୟମରେ ଜଙ୍ଗଲ ଅଧିକାର କମିଟି ଗଠନ କରାଯାଇଛି। ଏହି କମିଟି ମାଧ୍ୟମରେ ଭୂମିହୀନଙ୍କ ତାଲିକା ପ୍ରସ୍ତୁତ କରି ସ୍ଥାନୀୟ କୋରେଇ ବ୍ଲକ ସମାଜମଙ୍ଗଳ ଅଧିକାରୀଙ୍କ ଠାରୁ ସ୍ଥାନୀୟ ବ୍ୟାସନଗର ତହସିଲଦାର ଜିଲା ସମାଜ ମଙ୍ଗଳ ଅଧିକାରୀ, ଉପଜିଲାପାଳଙ୍କ ଠାରୁ ଜିଲାପାଳ ପର୍ଯ୍ୟନ୍ତ ପ୍ରଦାନ କରାଯାଇଛି। ମାତ୍ର ଏହାର ଯାଞ୍ଚ ହୋଇପାରିନାହିଁ। ଫଳରେ ଭୂମିହୀନ ଆଦିବାସୀମାନେ ଏକ ସପ୍ତାହ ତଳେ ବ୍ୟାସନଗର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଏହାର କୌଣସି ସୁଫଳ ନ ମିଳିବାରୁ ସିଭିଲ ସୋସାଇଟି ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ରଙ୍କ ଉଦ୍ୟମରେ ଯାଜପୁର ସାନ୍ତାଳ ସମାଜ ମୁଳନିବାସୀ ୟୁନାଇଟେଡ଼ ଫୋରମ ସଙ୍ଗଠନ ସହଯୋଗରେ ଯାଜପୁରଟାଉନର ଗାନ୍ଧୀଛକ ଠାରେ ଶତାଧିକ ଭୂମିହୀନ ଆଦିବାସୀ ଏକତ୍ରିତ ହୋଇ ଏକ ଶୋଭାଯାତ୍ରା ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ଜଙ୍ଗଲ ଅଧିକାର କମିଟି ଭାଲୁକୁହୁଡିର ସଭାନେତ୍ରୀ ଚୂଡ଼ାମଣି ସରେନ, ସମ୍ପାଦକ ଡୁକୁର ସାମଡ଼, ସାନ୍ତାଳ ସମାଜର ଧନେଶ୍ୱର କିସକୁ ମୁଳନିବାସୀ ୟୁନାଇଟେଡ଼ ଫୋରମର ସୋମନାଥ ପାତ୍ର, ଲକ୍ଷ୍ମୀ ମୁର୍ମୁ, ଡଲି କିସକୁ, ବର୍ଷା କିସକୁ, ସାଲୁଖି କିସକୁ, ବାସନ୍ତୀ ମାଝିଙ୍କ ସହ ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତ ସହ ୨ ଗିରଫ, କାର ଜବତ

ମାର୍ଶାଘାଇ,୧୧।୯(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

**ବହୁ ଚର୍ଚ୍ଚିତ ବିଭୁ ସାହୁ ହତ୍ୟା ଘଟଣା**

କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ ଥାନାର ବହୁ ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟର ପ୍ରତାପ ସାହୁ ଓରଫ ବିଭୁ ଅପହରଣ ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏ ନେଇ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି ଯେ, ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମ ଗ୍ୟାଙ୍ଗଷ୍ଟର ବିଭୁ ସାହୁଙ୍କୁ ମେ ୩୧ ତାରିଖ ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘର ନିକଟରୁ ବଳପୂର୍ବକ ଅପହରଣ କରି ନେଇଥିଲେ। ପରେ ତାଙ୍କୁ ମହାକାଳପଡ଼ା ଥାନା ଅନ୍ତର୍ଗତ ମଙ୍ଗଳପୁରଠାରେ ହତ୍ୟା କରି ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ରଥପଡ଼ା



ଗିରଫ ୨ ଅଭିଯୁକ୍ତ।

ଗ୍ରାମ ଜଙ୍ଗଲରେ ପୋଡି ଦେଇଥିଲେ। ଏ ସମ୍ପର୍କରେ ବିଭୁଙ୍କ ପତ୍ନୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବିଭିନ୍ନ ପର୍ଯ୍ୟାୟରେ ୧୨ ଜଣଙ୍କୁ ଗିରଫ କରିବା ସହ୨ଟି କାର, ୪ଟି ବାଇକ୍ ଜବତ କରିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମାର୍ଶାଘାଇ ଥାନା ଅନ୍ତର୍ଗତ ଧନିଆପଡ଼ା ଗ୍ରାମର ସାଜନ ବେହେରା (୩୧) ଓ ଏହି ଥାନା ଅନ୍ତର୍ଗତ କାନପୁର ଗ୍ରାମର ଚିତ୍ତ ରଞ୍ଜନ ଖୁଣ୍ଟିଆ ଓରଫ ଅଭୟ (୪୪) ରବିବାର ରାତିରେ ଏକ କାର ଯୋଗେ ଜାତୀୟ ରାଜପଥରେ ପାରାଦୀପ ଆଡକୁ ଯାଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ସେମାନଙ୍କୁ ଗିରଫ କରିବା ସହ କାର ଜବତ କରିଥିଲା। ଥାନାରେ ନଂ.୩୩୬/୨୩ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ କେତେଜଣ ଏବେ ସୁଦ୍ଧା ଫେରାର ଥିବା ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମାର୍ଶାଘାଇ ଥାନା ଆଇଆଇସି ପ୍ରଜ୍ଞା ପାରମିତା ଜେନା ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଲୋକ



@ ସାଗର



@ ତୋଫାନ



@ ଉତ୍ତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିତରକନିକାରେ ଗତବର୍ଷଠାରୁ ଅଧିକ ୭,୭୯୭ ଦେଶୀୟ ପକ୍ଷୀ

ରାଜନଗର, ୧୧।୯ (ଭାସ୍କର ରାଉତରାୟ)

ପକ୍ଷୀ ବିହାର ରୂପେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନରେ ଆଗନ୍ତୁକ ଦେଶୀୟ ପକ୍ଷୀଙ୍କ ଗଣନା ଶେଷ ହୋଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ୨୦୨୨ଠାରୁ ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକାରେ ୧,୧୬,୦୭୦ ଦେଶୀୟ ପକ୍ଷୀ ଭିଡ ଜମାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୨୩,୮୬୭କୁ ବୃଦ୍ଧି ପାଇଛି। ଅର୍ଥାତ୍ ଚଳିତ ବର୍ଷ ୭,୭୯୭ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ ଜମାଇଛନ୍ତି। ଚଳିତବର୍ଷ ୧୭୬୦ଗଛରେ ୨୬,୧୧୮ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଛି ବୋଲି ରାଜନଗର ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ଚଳିତ ମାସ ୩ ତାରିଖରୁ ୭ ତାରିଖ ଯାଏଁ ୫ ଦିନ ଧରି ଭିତରକନିକାର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀ ଗଣନା କରାଯାଇଥିଲା। ଭିତରକନିକା ଇତିହାସରେ ପ୍ରଥମଥର ପାଇଁ ଜାତୀୟ ଉଦ୍ୟାନ ବାହାରେ ଦେଶୀୟ ପକ୍ଷୀଙ୍କ ଠିକଣା ଠାବ କରାଯିବା ସହ



ତା'ର ଗଣନା କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ବନ ବିଭାଗର ୪ଟି ଟିମ ପକ୍ଷୀ ଗଣନା କରିଥିବା ବେଳେ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଗୋଟିଏ ଟିମ୍ ପକ୍ଷୀ ଗଣନା କରିଥିଲେ। ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ପକ୍ଷୀଗୁଡିକ ମଧ୍ୟରେ ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟବଗ, ଖଇରାବଗ, ମାଚିଆବଗ, ପାଣିକୁଆ, ଅନ୍ଧାରିଆବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଏହି ଗଣନା କାର୍ଯ୍ୟ କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବନପାଳ ନବୀନ କୁମାର ମଲ୍ଲିକ, ପ୍ରଶାନ୍ତ ସିଂ, ବନରକ୍ଷୀ ସୁନିଲ ରଞ୍ଜନ ରାଉତରାୟ, ଶ୍ରୀରାମ ହେମନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ୪ଟି ଟିମ୍ ଜାତୀୟ ଉଦ୍ୟାନ ମଧ୍ୟରେ ଦେଶୀୟ ପକ୍ଷୀଙ୍କ ଗଣନା କରିଥିବା ବେଳେ ଏସିଏଫ ପୁନମହୀରା ହାଁସଦା, ଗଗନ କୁମାର ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା ଓ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ପକ୍ଷୀଙ୍କ ନୂତନ ଠିକଣା ଗଣନା କାର୍ଯ୍ୟ କରିଥିଲେ।

ସୂଚନାଯୋଗ୍ୟ ଜୁନ୍ ଶେଷ ଭାଗରୁ ପକ୍ଷୀମାନଙ୍କର ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ଛୁଆମାନଙ୍କୁ ସାଙ୍ଗରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ

**■ ଚଳିତବର୍ଷ ଭିଡ ଜମାଇଛନ୍ତି ୧ ଲକ୍ଷ ୨୩ ହଜାର ୮୬୭ ପକ୍ଷୀ**

**■ ବାଲିଡିଆ ଦ୍ୱୀପ ଏବେ ଦେଶୀୟ ପକ୍ଷୀଙ୍କ ନୂଆ ଠିକଣା**

କର୍ମଭୂମିକୁ ଫେରିଯିବେ। ମୌସୁମୀର ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶବିସ୍ତାର ଓ ଭିତରକନିକାରେ ରହି ଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି। କ୍ରମାଗତ ଭାବେ ଭିତରକନିକା ଦେଶୀୟ ପକ୍ଷୀ ଠିକଣା ବଦଳାଇବାରେ ଲାଗିଛନ୍ତି। ୧୯୭୨ରେ କାଳିଭଞ୍ଜଡିଆରେ ଦେଶୀୟ ପକ୍ଷୀ ଭିଡ଼ ଜମାଉ ଥିଲେ। ୧୯୮୧ରେ କାଳିଭଞ୍ଜଡିଆ ପରିବର୍ତ୍ତେ ଶୁଆଯୋରରେ ବସା ବାନ୍ଧି ଥିଲେ। ୧୯୮୮ରେ ଶୁଆଯୋରରୁ ଠିକଣା ବଦଳାଇ ବଗଗହନକୁ ସ୍ଥାୟୀ ଠିକଣା କରିଥିଲେ ଦେଶୀୟ ପକ୍ଷୀ। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ବର୍ଷ ଧରି ଦେଶୀୟ ପକ୍ଷୀଙ୍କ ସ୍ଥାୟୀ ଠିକଣା ହୋଇଥିଲା ବଗଗହନ। ଦେଶୀୟ ପକ୍ଷୀଙ୍କ କାକଳି ସହିତ ବସା ବାନ୍ଧିବା, କାଠିକୁଟା ଧରି ଉଡ଼ିବାର ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ପର୍ଯ୍ୟଟକମାନଙ୍କର ସୁବିଧା ନିମିତ ସେଠାରେ ୧୯୯୫ରେ ୱାଚ ଟାୱାର ନିର୍ମାଣ ହୋଇଛି। ପର୍ଯ୍ୟଟକମାନେ ୱାଚ ଟାୱାର ଉପରେ ଚଢ଼ି ଏକା ସମୟରେ ଗୋଟିଏ ସ୍ଥାନରେ ଲକ୍ଷାଧିକ ପକ୍ଷୀ ଦେଖିବାର ମଜା ନେଇଥାନ୍ତି। ୨୦୧୫ରେ ବଗଗହନରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା କମିଥିଲା। ୨୦୧୬ରୁ ମଠଆଡିଆରେ ଦେଶୀୟ ପକ୍ଷୀ ଭିଡ ଜମାଇଥିଲେ। ଗତ ୩ ବର୍ଷ ହେଲା ମଠଆଡିଆ ସହ ଲକ୍ଷ୍ମୀପ୍ରସାଦଡ଼ିଆ ଓ ଦୁର୍ଗାପ୍ରସାଦଡ଼ିଆରେ ଦେଶୀୟ ପକ୍ଷୀମାନେ ବସା ବାନ୍ଧୁ ଆସୁଥିଲେ। ମାତ୍ର ଜଳବାୟୁର ପରିବର୍ତ୍ତନ ଏବଂ ବିଶ୍ୱତାପନର ପ୍ରଭାବରେ ଦେଶୀୟ ପକ୍ଷୀମାନଙ୍କର ଖାଦ୍ୟ ଏବଂ ବାସସ୍ଥାନ ଉପଯୁକ୍ତ ନ ହେବାରୁ ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନର ବାହାରେ ପ୍ରଥମଥର ପାଇଁ ଦେଶୀୟ ପକ୍ଷୀଙ୍କ ନୂଆ ଠିକଣା ଠାବ କରାଯାଇଛି। ରାଜନଗର ବ୍ଲକ ଓ ଆଳି ବ୍ଲକର ମଧ୍ୟସ୍ଥଳୀ ବ୍ରାହ୍ମଣୀ ନଦୀର ଏକମାଣିଆଠାରେ ନଦୀ ଭିତରେ କିଛିବର୍ଷ ଭିତରେ ସୃଷ୍ଟି ହୋଇଥିବା ବାଲିଡିଆ ଆଇଲ୍ୟାଣ୍ଡରେ ଏବେ ଦେଶୀୟ ପକ୍ଷୀଙ୍କ କାକଳି ଶୁଭୁଛି। ୧୫ ହେକ୍ଟର ପରିମିତ ଏହି ଡିଆରେ ଆପେ ଆପେ ଲୁଣା ଜଙ୍ଗଲ ସୃଷ୍ଟି ହୋଇଛି।

# ଅଲଟ୍ରାସାଉଣ୍ଡ କକ୍ଷ ଖୋଲିବାରେ ବିଳମ୍ବ

ନୟାଗଡ଼,୧୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)ର ମାତୃ ଓ ଶିଶୁ ଚିକିତ୍ସାଳୟ ପରିସରରେ ଥିବା ଅଲଟ୍ରାସାଉଣ୍ଡ କକ୍ଷ ବିଳମ୍ବରେ ଖୋଲୁଥିବା ନେଇ ଅଭିଯୋଗ ହେଉଛି। ସୋମବାର ପୂର୍ବାହ୍ନ ୮ଟା ବଦଳରେ ୯ଟାରେ କେନ୍ଦ୍ର ଖୋଲିଥିଲା। ରୋଗୀମାନେ ଅଲଟ୍ରାସାଉଣ୍ଡ କରିବା ପାଇଁ ବାରଣ୍ଡାର ତଳେ ବସି ଅପେକ୍ଷା କରିଥିଲେ। ଏଠାରେ ରୋଗୀଙ୍କ ବିଶ୍ରାମ ପାଇଁ ବ୍ୟବସ୍ଥା ନାହିଁ। ଚିକିତ୍ସାଳୟକୁ ଅନେକ ରୋଗୀ ଆସୁଥିବାବେଳେ ପାଦ ଚଲା ଅପରିଷ୍କାର ବାରଣ୍ଡାରେ ରୋଗୀ ବସିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ହେଲେ ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଡେରିରେ କାହିଁକି ଅଲଟ୍ରାସାଉଣ୍ଡ କେନ୍ଦ୍ର ଖୋଲୁଛି ପଚାରିବାରେ ଉତ୍ତର ମିଳି ନ ଥିଲା। ତେବେ ଅଲଟ୍ରାସାଉଣ୍ଡ କକ୍ଷ ନିକଟରେ ସପ୍ତାହର ସୋମବାର ଓ ବୁଧବାର କେବଳ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରୋଗୀ ପରୀକ୍ଷଣ ହୁଏ ଲେଖା ଅଛି। ହେଲେ ଏହି କକ୍ଷ ମନଇଚ୍ଛା ଖୋଲୁଥିବା କୁହାଯାଉଛି। ଏଭଳିସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖା ଦେଉଥିବା ଅବ୍ୟବସ୍ଥା ସମାଧାନ ହେବା ବଦଳରେ ବଢ଼ି ଚାଲିଛି ବୋଲି ଅଭିଯୋଗ ରହିଛି।

## ବାରଣ୍ଡାରେ ଶିଶୁ ରୋଗୀ

ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ଚିକିତ୍ସାଳୟ ପରିସରରେ ବାରଣ୍ଡାରେ ଶିଶୁ ରୋଗୀ ଚିକିତ୍ସିତ ହେଉଛନ୍ତି। ଶଯ୍ୟା ନ ଥିବାରୁ ନବଜାତ ଶିଶୁଙ୍କ ସମେତ ଅନ୍ୟ ଶିଶୁମାନେ ଚଟାଣରେ ଚିକିତ୍ସିତ ହେଉଛନ୍ତି।


ନୟାଗଡ଼ ଡିଏଚଏଚର ମାତୃ ଓ ଶିଶୁ ଚିକିତ୍ସାଳୟ ବାରଣ୍ଡାରେ ଶିଶୁଙ୍କୁ ଧରି ଜଣେ ଶୋଇଛନ୍ତି।

ଗତ ୧୫ ଦିନ ଧରି ଏଭଳି ଚିତ୍ର ଦେଖିବାକୁ ମିଳୁଛି। ତେବେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଚାରିବାରୁ ଶଯ୍ୟା ନାହିଁ, ବିକଳ୍ପ ନ ଥିବାରୁ କିଛି କରି ହେଉନି କହୁଛନ୍ତି। ସ୍ଥିତି ଏଭଳି ହୋଇଛି ଏହାର ସୁଧାର ଆସୁନି। ଅନ୍ୟପକ୍ଷେ ଅସ୍ଥାୟୀ ଶଯ୍ୟା ମଧ୍ୟ କରାଯାଉ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି।



ଅଲଟ୍ରାସାଉଣ୍ଡ କେନ୍ଦ୍ର ବନ୍ଦ ଥିବାରୁ ଆସିଥିବା ରୋଗୀ ଓ ସମ୍ପର୍କୀୟ ଚିକିତ୍ସାଳୟ ବାରଣ୍ଡାରେ ବସି ରହିଛନ୍ତି।

## ଲାଇନ କଟିଲେ କଫ ଟେଷ୍ଟ ବନ୍ଦ

ଜିଲା ମୁଖ୍ୟ ଚିକିତ୍ସାଳୟର ଯକ୍ଷ୍ମା ବିଭାଗରେ ବିଦ୍ୟୁତ୍ କଟିଲେ ରୋଗୀର କଫ ଟେଷ୍ଟ ବନ୍ଦ ରହୁଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ଉଦ୍ଦିଷ୍ଟ ଜେନେରେଟରୁ ଯକ୍ଷ୍ମା ବିଭାଗକୁ ସଂଯୋଗ ଦିଆ ନ ଯିବାର କାରଣ ବୁଝାପଡୁନି। ଏଣୁ ବିଦ୍ୟୁତ୍ କଟିଲେ ସବୁ ସମୟରେ ଯକ୍ଷ୍ମା ବିଭାଗ ଅନ୍ଧାରରେ ରହୁଛି। ସେହିପରି ଯକ୍ଷ୍ମା ବିଭାଗ ଜିଲା ମୁଖ୍ୟ ଚିକିତ୍ସାଳୟର ପଛ ପାଖରେ ରହିଛି। ଏଣୁ ଅଧିକାଂଶ ରୋଗୀ ଯକ୍ଷ୍ମା ବିଭାଗ ସମ୍ପର୍କରେ ଜାଣି ପାରୁନାହାନ୍ତି। ଅନେକ ଯକ୍ଷ୍ମା ବିଭାଗକୁ ଖୋଜି ପାଉନାହାନ୍ତି। ଯକ୍ଷ୍ମା ବିଭାଗକୁ ଜାଣିବ ସମ୍ପର୍କରେ କିଛି ସୂଚନା ମଧ୍ୟ ରହୁନି। ସେହିପରି ୫-ଟି ସଚିବଙ୍କ ଗସ୍ତ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏକ ପ୍ରକାରର ରଙ୍ଗ ହୋଇଥିଲା। ହେଲେ ଯକ୍ଷ୍ମା ବିଭାଗକୁ ରଙ୍ଗ ଏଯାବତ ଦିଆଯାଇନାହିଁ। ସେହିପରି କିଛି ଘରେ କାନ୍ଥରୁ ବର୍ଷା ପାଣି ଚଟାଣରେ ଜମି ରହି ସ୍ୱାସ୍ଥ୍ୟ ସେବାରେ ବାଧକ ସାଜୁଛି। ସବୁ କ୍ଷେତ୍ରରେ ଯକ୍ଷ୍ମା ବିଭାଗ ଅବହେଳା ହୋଇ ରହିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରମାକାନ୍ତ ପଣ୍ଡାଙ୍କୁ ପଚାରିବାରେ ଯାହା କିଛି ଅସୁବିଧା ଅଛି ଆମେ ସମାଧାନ କରିବାକୁ ଚେଷ୍ଟା ଜାରି ରଖିଛୁ। ତେବେ ଶଯ୍ୟା ସମସ୍ୟା, ରୋଗୀ ବାରଣ୍ଡାରେ ଚିକିତ୍ସା ହେବା ଉପରେ କିଛି ଆମେ କରି ପାରିବୁନି ବୋଲି ସେ କହିଛନ୍ତି।

- ପୂର୍ବାହ୍ନ ୮ଟା ବଦଳରେ ୯ଟାରେ ଖୋଲିଲା
- ରୋଗୀ ବାରଣ୍ଡାରେ ଅପେକ୍ଷା କରିଥିଲେ
- ଡିଏଚ୍ଏଚ୍ରୁ ଅବ୍ୟବସ୍ଥା ହଟୁନି

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଲୋକ


@ ସାଗର


@ ତୋଫାନ


@ ଉତ୍ତମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାର୍-ପିକ୍ଅପ୍ ମୁହାଁମୁହିଁ ଧକ୍କା: ୨ ମୃତ

ନୟାଗଡ଼,୧୧।୯(ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦୁର୍ଦ୍ଧୁରା ଛକରେ ରବିବାର ରାତି ପ୍ରାୟ ସାଢ଼େ ୧ଟାରେ କାର-ପିକ୍ଅପ୍ ଭ୍ୟାନ ମୁହାଁମୁହିଁ ଧକ୍କାରେ କାର ଚାଳକଙ୍କ ସହ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କନ୍ଧମାଳ ଜିଲା ଫୁଲବାଣି ସଦର ଥାନା ଡଙ୍ଗୁଲୁ ଗାଁର ଧର୍ମେନ୍ଦ୍ର ବେହେରା(୩୬) ଓ ଟିକାବାଲି ଗାଁର ସିଦ୍ଧାର୍ଥ ସରକର(୩୧)। ଜିଲା ମୁଖ୍ୟ ଚିକିତ୍ସାଳୟ ନୟାଗଡ଼ରେ ଉଭୟଙ୍କର ବ୍ୟବଚ୍ଛେଦ କରାଇ ମୃତଦେହକୁ ନୟାଗଡ଼ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିବା ସହ ନଂ. ୧୭୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଡଙ୍ଗୁଲୁ ଗାଁର ଧର୍ମେନ୍ଦ୍ର ନିଜର ଭାଇଙ୍କୁ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଟିକାବାଲି ଗାଁର ସିଦ୍ଧାର୍ଥ ସରକରଙ୍କ ସହ ନଂ. ଓଡି୦୨ଜେ ୧୨୪୪ କାର ଯୋଗେ ଘରକୁ ଫେରୁଥିଲେ। କିଏ କାର ଚାଳନା କରୁଥିଲେ ଜଣାପଡ଼ିନାହିଁ । ଏଭଳିସ୍ଥଳେ ବିପରୀତ ଦିଗରୁ ବରଗଡ଼ରୁ ବାଇଗଣ ଧରି ଓଡି୧୭ ଡବ୍ଲୁ ୮୮୭୮ ପିକ୍ଅପ୍ ଭ୍ୟାନ ଭୁବନେଶ୍ୱର ଯାଉଥିଲା। ଦୁର୍ଦ୍ଧୁରା ଛକଠାରେ ପିକ୍ଅପ୍ ଭ୍ୟାନ- କାର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସିଦ୍ଧାର୍ଥ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ଧର୍ମେନ୍ଦ୍ର ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ସମୟରେ ନିଜର ନାଁ ଓ ଠିକଣା କହିବାର କିଛି ସମୟ ପରେ ଧର୍ମେନ୍ଦ୍ର ମୃତ୍ୟୁ ହୋଇଥିଲା।

## ନାଁ ଓ ଠିକଣା କହିବା ପରେ ଚାଲିଗଲା ଜୀବନ




ଦୁର୍ଘଟଣାଗ୍ରସ୍ତ କାର, ପିକ୍ଅପ୍ ଭ୍ୟାନ।

# ପ୍ରଶାସନ ଉପସ୍ଥିତିରେ ହଟିଲା ଜବରଦଖଲ

ନୂଆଗାଁ, ୧୧।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ତହସିଲ ମହିତମା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଗୌଡଚାଞ୍ଚେରାପଲ୍ଲୀ ମୌଜାରୁ ସୋମବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜେସିବି ଲଗାଇ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ମହିତମା ରାଜସ୍ୱ କାର୍ଯ୍ୟାଳୟ ଅଧୀନ ଗୌଡ ଚାଞ୍ଚେରାପଲ୍ଲୀ ମୌଜା ଖତିୟାନ ନଂ. ୭୮ର ୫୩ ନଂ. ପ୍ଲଟରେ ଥିବା ୨ ଏକର ୬୮ ଡିସିମିଲି ଜାଗା ଉନ୍ନତ ଯୋଜନା ଯୋଗ୍ୟ କିସମ ଥିବା ବେଳେ ସେହି ଜାଗା ଖେଳ ପଡିଆ ପାଇଁ ସଂରକ୍ଷିତ ରହିଛି। ତେବେ ସେହି ଜାଗା ମଧ୍ୟରୁ କିଛି ଜାଗାକୁ ଉକ୍ତ ଗ୍ରାମର ହରଣ ବେହେରା ଜବର ଦଖଲ କରି ଘର ନିର୍ମାଣ କରିଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ମାମଲା କୋର୍ଟରେ ପହଞ୍ଚି ଥିଲା ଓ ଜବରଦଖଲକାରୀଙ୍କୁ ଜାଗା ଛାଡିବା ପାଇଁ ମଧ୍ୟ ନୋଟିସ କରାଯାଇଥିଲା। କିନ୍ତୁ ହରଣ ଜାଗା ଛାଡିବା ପାଇଁ ନାରାଜ ଥିଲେ। କୋର୍ଟଙ୍କ ଶୁଣାଣି ପରେ ନୟାଗଡ଼ ଉପଜିଲାପାଳ ଜବରଦଖଲକାରୀଙ୍କୁ ଡାକି ସରକାରୀ ଜାଗାକୁ ଛାଡ଼ିବା ପାଇଁ କହିଥିଲେ ମଧ୍ୟ ସେ ଛାଡି ନ ଥିଲେ। ଏ ନେଇ ୧୫ ଦିନ ପୂର୍ବରୁ ଜାଗା ଛାଡ଼ିବା ପାଇଁ ଓ ପରେ ୩ ଦିନ ପୂର୍ବରୁ ଜବରଦଖଲକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସେହି ଅନୁସାରେ, ନୂଆଗାଁ ତହସିଲଦାର ତଥା ମାଜିଷ୍ଟ୍ରେଟ ହେମନ୍ତ କୁମାର ନାୟକ, ନୂଆଗାଁ ଥାନା ଅଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ଜବରଦଖଲକୁ ଉଚ୍ଛେଦ କରାଯାଇଛି।


ସରକାରୀ ଜମିରୁ ଜେସିବି ଲଗାଇ ପ୍ରଶାସନ ଜବରଦଖଲ ଉଚ୍ଛେଦ କରୁଛି।

# କୁଆଁରିଆ ବ୍ରିଜ ବିପଦସଙ୍କୁଳ: ଖାଲର ମରାମତି ଦାବି

ଦଶପଲ୍ଲା ୧୧।୯( ପ୍ରକାଶ କୁମାର ପାଣି )

ଦଶପଲ୍ଲା ଦୁର୍ଗା ବଜାର ନିକଟରେ ଥିବା କୁଆଁରିଆ ବ୍ରିଜଟି ବର୍ତ୍ତମାନ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ବ୍ରିଜ ସାରା ଖାଲ ଖମାରେ ଭର୍ତ୍ତି ହୋଇଛି। ଫଳରେ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହୋଇଛି। ବର୍ଷା ହେଲେ ଖାଲଗୁଡ଼ିକରେ ପାଣି ଭର୍ତ୍ତି ହୋଇଯିବା ଦ୍ୱାରା ଖାଲ ଜଣାପଡୁନାହିଁ। ଫଳରେ ବାଇକ୍ ଏବଂ ସାଇକେଲ ଚାଳକ ଗଲା ବେଳେ ସେହି ଖାଲରେ ପଡୁଥିବାରୁ ପଥଚାରୀମାନେ ବିପଦରେ ପଡୁଛନ୍ତି। ଅପରପକ୍ଷରେ ବର୍ଷା ପାଣି କୁଆଡେ ଯିବାର ସୁବିଧା ନ ଥିବାରୁ ବ୍ରିଜ ଉପରେ ଜମା ହୋଇରହୁଛି।

ବିଭିନ୍ନ ସମୟରେ ଏପରି ଖାଲ ସୃଷ୍ଟି ହେଉଥିବା ବେଳେ ତାଳିପକା କାମ କରାଯାଉଛି। କିଛିଦିନ ପରେ ଯେଉଁ ଖାଲକୁ ସେହି ଖାଲ ସୃଷ୍ଟି ହେଉଛି। ଏହାଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫୭ ନଂ. ଜାତୀୟ ରାଜପଥ ଉପରେ ଉକ୍ତ ବ୍ରିଜଟି ଅବସ୍ଥିତ, ଦୈନନ୍ଦିନ ଶହ ଶହ ଯାନବାହନ ଚଳାଚଳ କରୁଛି। ଏଭଳି ସ୍ଥଳେ ତାଳିପକା କାମ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଏହାର ଏକ ସ୍ଥାୟୀ ମରାମତି କରାଯାଉନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।


ଖାଲଖମାରେ ପରିପୂର୍ଣ୍ଣ ବ୍ରିଜ।

# ଗଣିଆରେ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି

ଗଣିଆ,୧୧।୯ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକରେ ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୭୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ପାନୀୟ ଜଳ, ଶିକ୍ଷକ ନିଯୁକ୍ତି ପରି ୪ଟି ଗୋଷ୍ଠୀ ଭିତ୍ତିକ ଅଭିଯୋଗ ଏବଂ ମୋ ଘର, ରାଶନ କାର୍ଡ, ଶିକ୍ଷା, ପାନୀୟ ଜଳ, ରାସ୍ତା, ଜଳସେଚନ, ମୁଖ୍ୟମନ୍ତ୍ରୀ ରିଲିଫ୍ ସହାୟତା, ଶ୍ରମିକ ସହାୟତା ଓ କାଳିଆ ଯୋଜନା ପରି ୬୩ଟି ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୯ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ରବୀନ୍ଦ୍ରନାଥ ସାହୁ ଉପସ୍ଥିତ ରହି ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ୨୦ଟି ଅଭିଯୋଗର ଶୁଣାଣି କରି ତତ୍କାଳ ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ଶକ୍ତିକାନ୍ତ ରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କୋରଲା, ଏବିଡିଓ ରତନଲାଲ ଲୋହରା, ଡିପିଓ ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ଶିବିରରେ ବ୍ଲକର ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀ ସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ତେବେ ଗଣିଆ ବ୍ଲକ ଅଞ୍ଚଳର କୁତୁରୀଠାରୁ ପତୁରିଆ ପର୍ଯ୍ୟନ୍ତ ମାଳବନ୍ଧ ଦୀର୍ଘଦିନ ଧରି ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଫଳରେ ମହାନଦୀରେ ପ୍ରତିବର୍ଷ ବନ୍ୟା ଆସିଲେ ବ୍ଲକର ୫ଟି ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହୋଇଥାଏ। ଏହାର ତୁରନ୍ତ ସମାଧାନ ପାଇଁ ଗଣିଆ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ସଭାପତି ମାନସ ମହାକୁଡଙ୍କ ନେତୃତ୍ୱରେ ସରପଞ୍ଚମାନେ ଜିଲାପାଳଙ୍କୁ ଭେଟି ମାଳବନ୍ଧ ନିର୍ମାଣ, ପୁରୁଣା ଜଗନ୍ନାଥ ସଡକର ପୁନରୁଦ୍ଧାର, ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ତେବେ ଏହାର ସମାଧାନ ପାଇଁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଗଣିଆ ବ୍ଲକରେ ଏକ ବଡ଼ଧରଣର ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଂଘ ମାନସ ମହାକୁଡ ସୂଚନା ଦେଇଛନ୍ତି।

## ୭୬ ଅଭିଯୋଗରୁ ୨୦ଟି ତତ୍କାଳ ସମାଧାନ



ଲୋକମାନଙ୍କ ଅଭିଯୋଗ ଜିଲାପାଳ ରବୀନ୍ଦ୍ରନାଥ ସାହୁ ଓ ଅନ୍ୟମାନେ ଶୁଣୁଛନ୍ତି।

